

## କଟକ ସିଟି

# ଶତାଧିକ ରୋଗୀଙ୍କୁ ଜଣେ ଇସିଜି ଟେକ୍ନିସିଆନ

**କଟକ, ୧୭।୧(ସମିସ)**

ହୃଦରୋଗୀଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ବ୍ୟବସ୍ଥା ହେଉଛି ଇଲେକ୍ଟ୍ରୋକାର୍ଡିଓଗ୍ରାମ ତଥା ଇସିଜି। ଛାତିରେ ଯନ୍ତ୍ରଣା ଅନୁଭବ କରି ମେଡ଼ିକାଲକୁ ଆସୁଥିବା ପ୍ରତ୍ୟେକ ରୋଗୀର ପ୍ରଥମେ ଇସିଜି କରାଯିବା ବାଧ୍ୟତାମୂଳକ। ଏହାଛଡା ଦୁର୍ଘଟଣାର ଶିକାର ରୋଗୀଙ୍କର ମଧ୍ୟ ଇସିଜି କରିବାକୁ ପ୍ରାଥମିକତା ଦିଆଯାଏ। ହେଲେ ଏସ୍‌ସିବି ମେଡ଼ିକାଲରେ ଟେକ୍ନିସିଆନଙ୍କ ଅଭାବ ଯୋଗୁଁ ଇସିଜି ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇ ପଡ଼ିଲାଣି ବୋଲି ଅଭିଯୋଗ ଉଠୁଛି। ବର୍ଷାନୁକ୍ରମେ ରୋଗୀ ସଂଖ୍ୟା ବୃଦ୍ଧି ପାଉଛି। ହେଲେ ଇସିଜି ଷ୍ଟାଫ ବଢ଼ାଯାଉନାହିଁ। ଏସସିବିର ଇସିଜି ଷ୍ଟାଫଙ୍କ ଉପରେ କାର୍ଯ୍ୟଭାର ଲଦି ହୋଇ ପଡୁଛି। ଶତାଧିକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି ଜଣେ ଇସିଜି ଟେକ୍ନିସିଆନ। ଏତଦବ୍ୟତୀତ ନିଯୁକ୍ତ ହୋଇଥିବା ଇସିଜି ଟେକ୍ନିସିଆନ ଦୀର୍ଘ ୧୧ବର୍ଷ ହେବ କାର୍ଯ୍ୟ କରୁଥିବା ସତ୍ତ୍ୱେ ସେମାନଙ୍କର ଚାକିରୀ ନିୟମିତ କରାଯାଉନାହିଁ। ଏଭଳି ଅନେକ ଅଭିଯୋଗକୁ ନେଇ କିଛି ଇସିଜି ଟେକ୍ନିସିଆନ ସ୍ୱାସ୍ଥ୍ୟ ସଚିବଙ୍କୁ ଭେଟିବେ ବୋଲି ଜଣାପଡ଼ିଛି।

୨୦୧୧ ମସିହାରେ ପ୍ରଥମଥର ନିମନ୍ତେ ଇସିଜି ଟେକ୍ନିସିଆନ ନିଯୁକ୍ତି କରାଯାଇଥିଲା। କାଜୁଆଲିଟି ନିମନ୍ତେ ୪ଜଣ ଟେକ୍ନିସିଆନ

**ବଡ ମେଡିକାଲ**

**ଏସ୍‌ସିବିରେ ଇସିଜି ବ୍ୟବସ୍ଥାକୁ ନେଇ ଅସନ୍ତୋଷ**

**ରୋଗୀଙ୍କୁ ମିଳୁନି ସଠିକ ଚିକିତ୍ସା**

**ଷ୍ଟାଫ ସଂଖ୍ୟା ବୃଦ୍ଧି ଓ ଚାକିରି ନିୟମିତ କରିବାକୁ ଦାବି**

ନିଯୁକ୍ତି ପାଇଥିଲେ। ସେତେବେଳେ ଟ୍ରମା ଓ ନନଟ୍ରମା କାଜୁଆଲିଟି ଗୋଟିଏ କୋଠାରେ କାର୍ଯ୍ୟ କରୁଥିଲା। ଏଣୁ ସିଫ୍ଟ ଅନୁଯାୟୀ ଡ୍ୟୁଟି କରୁଥିବା ଇସିଜି ଟେକ୍ନିସିଆନ ସହଜରେ ରୋଗୀଙ୍କ ଇସିଜି ପରୀକ୍ଷା କରୁଥିଲେ। ହେଲେ ଗତବର୍ଷ ଠାରୁ ଟ୍ରମା ଓ ନନଟ୍ରମା କାଜୁଆଲିଟି ପୃଥକପୃଥକ ଭାବେ ଦୁଇଟି ସ୍ଥାନରେ କାର୍ଯ୍ୟ କରୁଛି। ଗୋଟିଏ ସିଫ୍ଟରେ ଜଣେ ଟେକ୍ନିସିଆନ ଏକ ସଙ୍ଗରେ ଦୁଇଟି କାଜୁଆଲିଟିକୁ ଯାଇ ଇସିଜି କରିବା ଅସହଜ ହୋଇ ପଡ଼ିଲାଣି। ଅନ୍ୟପକ୍ଷରେ କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭାବେ ପରିଚିତ ସିଟି ହସ୍ପିଟାଲରେ ମଧ୍ୟ ଇସିଜି ବ୍ୟବସ୍ଥା ନାହିଁ। ଯେଉଁଥିପାଇଁ ସେଠାରୁ ରୋଗୀ କେବଳ ଇସିଜି କରାଇବା ନିମନ୍ତେ ବଡ଼ ମେଡ଼ିକାଲକୁ ଆସୁଛନ୍ତି। ସ୍ୱାସ୍ଥ୍ୟ ବିକାଶ ଯୋଜନା ବଳରେ ହୃଦରୋଗ ବିଭାଗରେ ୩ଜଣ ଇସିଜି ଟେକ୍ନିସିଆନଙ୍କୁ ନିଯୁକ୍ତି ମିଳିଛି। ଏଠାରେ ମଧ୍ୟ ସମାନ ଅବସ୍ଥା। ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ ଏମାନେ ସିଫ୍ଟ ଅନୁସାରେ ଡ୍ୟୁଟି କରୁଛନ୍ତି। ରାତି ୮ଟା ପରେ କୌଣସି ହୃଦରୋଗୀଙ୍କର ଇସିଜି ଆବଶ୍ୟକ ପଡ଼ିଲେ ସେମାନଙ୍କୁ ମଧ୍ୟ କାଜୁଆଲିଟିକୁ ଆଣିବାକୁ ପଡୁଛି। କେତେକ ସ୍ଥଳରେ ହୃଦରୋଗ ବିଭାଗରେ ଡାକ୍ତରମାନେ ରୋଗୀଙ୍କର ଇସିଜି କରୁଥିବା ଜଣାପଡ଼ିଛି। ଏସବୁ ସମସ୍ୟାର ସମାଧାନ କରିବାକୁ ଟେକ୍ନିସିଆନମାନେ ନିବେଦନ କରୁଥିବା ବେଳେ ସ୍ୱାସ୍ଥ୍ୟ ସଚିବଙ୍କୁ ଭେଟିବା ପାଇଁ ସ୍ଥିର କରିଛନ୍ତି।

ଏସ୍‌ସିବି ମେଡ଼ିକାଲକୁ ବିଶ୍ୱସ୍ତରୀୟ କରିବା ନିମନ୍ତେ ରାଜ୍ୟ ସରକାର ଉଦ୍ୟମ କରୁଛନ୍ତି। ହେଲେ ଏପରିସ୍ଥଳେ ମେଡ଼ିକାଲ କର୍ତ୍ତୃପକ୍ଷ ଇସିଜି ବ୍ୟବସ୍ଥା ପ୍ରତି ଆଦୌ ଦୃଷ୍ଟି ଦେଉ ନାହାନ୍ତି ବୋଲି ଟେକ୍ନିସିଆନମାନଙ୍କର ଅଭିଯୋଗ ହେଉଛି। ଜଣେ ଟେକ୍ନିସିଆନ କହିଛନ୍ତି ଯେ, ବିଭିନ୍ନ ୱାର୍ଡ଼ରେ ରୋଗୀଙ୍କର ଇସିଜି କରିବାକୁ ଡାକ୍ତର ପରାମର୍ଶ ଦେଲେ ସେମାନଙ୍କ ପରୀକ୍ଷା କରାଇବା ପାଇଁ ଘରୋଇ କେନ୍ଦ୍ରର ଟେକ୍ନିସିଆନଙ୍କୁ ଡକାଯାଉଛି। ଜଣେ ରୋଗୀ ପିଛା ୫୦ ଟଙ୍କା ଲେଖାଏ ନେଉଛନ୍ତି। ଟେକ୍ନିସିଆନ ସଂଖ୍ୟା ବଢ଼ା ନଯିବାରୁ କାମ ଚାପ ବୃଦ୍ଧି ପାଉଛି। ପ୍ରତ୍ୟେକ ଦିନ ପ୍ରାୟ ୪୦୦ ରୋଗୀଙ୍କର ଇସିଜି ହେଉଛି। ୨୪ ଘଣ୍ଟା ରୋଗୀ ସେବାରେ ନିୟୋଜିତ ଟେକ୍ନିସିଆନମାନେ ୧୧ବର୍ଷ ହେବ ଏଭଳି କାର୍ଯ୍ୟ କରୁଛନ୍ତି। ସେମାନଙ୍କ ଚାକିରୀ ନିୟମିତ କରାଯିବାକୁ ମେଡ଼ିକାଲ କର୍ତ୍ତୃପକ୍ଷ କାହିଁକି ଅବହେଳା କରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

# ବସନ୍ତ କୁମାରୀ ପଟ୍ଟନାୟକ ଜନ୍ମଶତବାର୍ଷିକୀ ଆଲୋଚନାଚକ୍ର



**କଟକ, ୧୭ ।୧(ସମିସ)**

'ଅମଡ଼ା ବାଟ' ବସନ୍ତ କୁମାରୀ ପଟ୍ଟନାୟକଙ୍କ ଅନତିକ୍ରମଣୀୟ ସୃଷ୍ଟି। ଏହି ଉପନ୍ୟାସର 'ମାୟା' ଚରିତ୍ର ଭଳି ଚରିତ୍ର ଓଡ଼ିଆ ଉପନ୍ୟାସରେ ଆଉ ସୃଷ୍ଟି ହୋଇନାହିଁ। ପାରିବାରିକ ଜୀବନର ନିଛକ ପ୍ରତିଛବି ବହନ କରୁଥିବା ବସନ୍ତ କୁମାରୀଙ୍କ ଉପନ୍ୟାସ ଏବଂ ଗଳ୍ପ ଗୁଡ଼ିକରେ ବେଶ୍ ବିଶ୍ୱସ୍ତ ବୋଲି କଥାଶିଳ୍ପୀ ବସନ୍ତ କୁମାରୀ ପଟ୍ଟନାୟକ ଜନ୍ମଶତବାର୍ଷିକ ଆଲୋଚନା ଚକ୍ରରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ଉତ୍କଳ ସାହିତ୍ୟ ସମାଜର ମିଳିତ ସହଯୋଗରେ ଶତାବ୍ଦୀ ଭବନଠାରେ କଥାଶିଳ୍ପୀ ବସନ୍ତ କୁମାରୀ ପଟ୍ଟନାୟକଙ୍କ ଜନ୍ମଶତବାର୍ଷିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନଚକ୍ରକୁ ବିଶିଷ୍ଟ କଥାକାର ଡ. ବିଭୂତି ପଟ୍ଟନାୟକ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବରେ କେନ୍ଦ୍ର ସାହିତ୍ୟ ଏକାଡେମୀ ସାଧାରଣ ପରିଷଦ ସଦସ୍ୟ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର, ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଉପସ୍ଥିତ ଥିଲେ। ଉଦ୍‌ଘାଟନ ଅଧିବେଶନରେ ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଡ. ଗୌରହରି ଦାସ ସଭାପତିତ୍ୱ କରିଥିଲେ। ସାହିତ୍ୟ ଏକାଡେମୀର ସଚିବ ଡ. କେ. ଶ୍ରୀନିବାସ ରାଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉତ୍ସବର ପ୍ରଥମ ବୈଷୟିକ ଅଧିବେଶନରେ ସାହିତ୍ୟ ଏକାଡେମୀର ସାଧାରଣ ପରିଷଦ ସଦସ୍ୟ ପ୍ରଫେସର ବିଜୟ ଶତପଥୀ ଓ ଦ୍ୱିତୀୟ ବୈଷୟିକ ଅଧିବେଶନରେ ନରେନ୍ଦ୍ର ପ୍ରସାଦ ଦାସ ସଭାପତିତ୍ୱ କରିଥିଲା ବେଳେ ପ୍ରଫେସର ବିଷ୍ଣୁପ୍ରିୟା ଓତା, ଡ. ଶତ୍ରୁଘ୍ନ ପାଣ୍ଡବ, ଡ. ସଞ୍ଚିତା, ରଘୁନାଥ ମହାପାତ୍ର, ଡ. ବୈଜୟନ୍ତୀ ମିଶ୍ର ଓ ଡ. ଜ୍ଞାନୀ ଦେବାଶିଷ ମିଶ୍ର ଆଲୋଚକ ଭାବରେ ଯୋଗଦେଇଥିଲେ। ସାହିତ୍ୟ ଏକାଡେମୀ ଆଞ୍ଚଳିକ କାର୍ଯ୍ୟାଳୟର ସହକାରୀ ସମ୍ପାଦକ କ୍ଷେତ୍ରବାସୀ ନାଏକ, ଉତ୍କଳ ସାହିତ୍ୟ ସମାଜର ଉପସଭାପତି ଜୀବନାନନ୍ଦ ଅଧିକାରୀ ଓ କୋଷାଧ୍ୟକ୍ଷ ଶିବାଶିଷ କର ଉତ୍ସବକୁ ସଂଯୋଜନା କରିଥିଲା ବେଳେ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦ ଆଦିତ୍ୟ ପ୍ରତାପ ଧଳ ଧନ୍ୟବାଦ ଦେଇଥିଲେ।

# ଧର୍ମପ୍ରାଣା ମହିଳାଙ୍କ ପରଲୋକ



**ବଡମ୍ବା, ୧୭ ।୧(ସମିସ):** ବଡ଼ମ୍ବା ବ୍ଲକ ଭଟାରିକା ଶଶାଙ୍ଗ ଗ୍ରାମର ସ୍ୱର୍ଗତ ଉଦୟନାଥ ଚୌଧୁରୀଙ୍କ ପତ୍ନୀ ସୁଲୋଚନା ଚୌଧୁରୀଙ୍କର ୯୯ ବର୍ଷ ବୟସରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ-ବୋହୂ ଅଭୟ ଓ ନଳିନୀପ୍ରଭା, ମଝିଆଁ ପୁଅ-ବୋହୂ ବିଭୂତି ଓ ସ୍ୱର୍ଣ୍ଣଲତା, ସାନପୁଅ-ବୋହୂ ବିଜୟ ଓ କବିତାଙ୍କ ସମେତ ଝିଅ-ଜ୍ୱାଇଁ, ନାତି, ନାତୁଣୀ ଓ ଆତ୍ମୀୟସ୍ୱଜନମାନେ ଉପସ୍ଥିତ ଥିଲେ। ତାଙ୍କ ପରଲୋକ ଖବର ପାଇ ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟଙ୍କ ସମେତ ବଡମ୍ବା ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ବ୍ଲକ ବିଜେଡି ସଭାପତି ରବିନାରାୟଣ ସାହୁ, ବିଜେପି ନେତା ବିଜୟ ଦଳବେହେରା, ପୂର୍ବତନ ସରପଞ୍ଚ ଭ୍ରମରବର ନାୟକ ଓ ରବୀନ୍ଦ୍ର ବେହେରା, ପୂର୍ବତନ ସମିତି ସଭ୍ୟ ସୁଧାକର ବେହେରା, ବଡ଼ମ୍ବା ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ଦେବରାଜ ପାଟଶାଣୀ, ଗୋପାଳ ଚନ୍ଦ୍ର ଖିଲାର୍, ଚିତ୍ତ ରଞ୍ଜନ ଦାସ, ପ୍ରଫୁଲ୍ଲ ତରାସିଆ, ଉମେଶ ବେହେରା ଏବଂ ଶଶାଙ୍ଗ ଶାନ୍ତି କମିଟିର କର୍ମକର୍ତ୍ତା, ସଦସ୍ୟମାନେ ଶେଷଦର୍ଶନ କରି ପୁଷ୍ପମାଲ୍ୟ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ଏଲ୍‌ଆର୍ ଡିଏଭି ଛାତ୍ରଛାତ୍ରୀଙ୍କ ସଫଳତା



**କଟକ, ୧୭ ।୧(ସମିସ):** ଇଣ୍ଡିଆନ ଆସୋସିଏସନ ଅଫ ଫିଜିକ୍ସ ଟିଚର (ଆଇଏପିଟି) ଦ୍ୱାରା ସର୍ବଭାରତୀୟସ୍ତରରେ ହୋଇଥିବା ଏନଏସଇ ଜାତୀୟମାନକ ପରୀକ୍ଷାରେ ଏଲଆର ଡିଏଭିରୁ ୮ଜଣ ଛାତ୍ରଛାତ୍ରୀ ଦ୍ୱିତୀୟ ପର୍ଯ୍ୟାୟକୁ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏନଏସଇପିରେ ସୁମିତ ବିଶ୍ୱାଳ, ଏନସିଇସି ଏବଂ ଏନଏସଇବିରେ ସଂକଳ୍ପିତା ଭୂୟାଁ, ଏନଏସଇବିରେ ସମ୍ବିତ ମିଶ୍ର, ଲକ୍ଷ୍ମୀକାନ୍ତ ନାୟକ, ବୈଭବ ମହାନ୍ତି ଆରଏନଓ-୨୦୨୪ ଏବଂ ଏନଏସଇ ପରୀକ୍ଷାରେ ପରାକାଷ୍ଠା ଦେଖାଇଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ଉତ୍ତୀର୍ଣ୍ଣ ହେଲେ ହୋମିଭାବା ବିଜ୍ଞାନ କେନ୍ଦ୍ର (ଏଚବିସିଏସଇ) ଦ୍ୱାରା ଆୟୋଜିତ କ୍ୟାମ୍ପସରେ ଭାଗନେବେ। ଏହାପରେ ସେମାନେ ଅର୍ନ୍ତଜାତୀୟସ୍ତରରେ ସାଇନ୍ସ ଅଲମ୍ପିଆଡ ପାଇଁ ଯୋଗ୍ୟ ବିବେଚିତ ହେବେ। ଏହି ପରୀକ୍ଷାରେ ଯେଉଁମାନେ ଉତ୍ତୀର୍ଣ୍ଣ ହେବେ ସେମାନେ ପ୍ରତ୍ୟକ୍ଷ ଭାବେ ଭାବା ପରମାଣୁ ଗବେଷଣା କେନ୍ଦ୍ରରେ ବୈଜ୍ଞାନିକ ଭାବେ କାମ କରିବାର ସୁଯୋଗ ପାଇବେ। ଏହି ସମ୍ମାନଜନକ ଓ ଉଚ୍ଚସ୍ତରୀୟ ପରୀକ୍ଷାରେ କୃତିତ୍ୱ ପାଇଁ ଏଲଆର ଡିଏଭି ସ୍କୁଲର ଅଧ୍ୟକ୍ଷ ନିରଞ୍ଜନ ସ୍ୱାଇଁ ଅଭିନନ୍ଦନ ଜଣାଇଛନ୍ତି।

# ସମ୍ବାଦପତ୍ର ବିକ୍ରେତା ସଂଘର ବୈଠକ



**କଟକ, ୧୭ ।୧(ସମିସ):** ସମ୍ବାଦପତ୍ର ବିକ୍ରେତା ସଂଘର ବୈଠକ ବାରବାଟୀ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ପିତାମ୍ବର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ସଂଘର ବାର୍ଷିକ ଆୟବ୍ୟୟ ହିସାବ କରାଯିବା ସହ ଆସନ୍ତା ଜାନୁଆରୀ ୨୭ ତାରିଖରେ ସଂଘର କର୍ମକର୍ତ୍ତାଙ୍କ ବଣଭୋଜି ପାଇଁ ନିଷ୍ପତ୍ତି ନିଆଯାଇଥିଲା। ରଣପୁରର ଅସୁରକୁମାରୀ, ମଣୀନାଗ, ଜଗନ୍ନାଥ ମନ୍ଦିର, କୋଟପାଡ ଆଦି ସ୍ଥାନ ଯିବାକୁ ସ୍ଥିର ହୋଇଛି। ସହ ସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ମିଡିଆ ସେଲର ପ୍ରଭାସ ପ୍ରଧାନ, କମିଟି ସଭ୍ୟ ମନୋଜ ପାଲ, ପ୍ରଦ୍ୟୁମ୍ନ ବିଶୋଇ, ଦୀପ୍ତିରଞ୍ଜନ ପଟ୍ଟନାୟକ, ଦୂର୍ଗାପ୍ରସାଦ ଛାଟୋଇ, ରବି ପାଲ, ନଗେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# 'ଯୁଦ୍ଧ-୧୯୭୧' ପୁସ୍ତକ ଲୋକାର୍ପିତ

**କଟକ, ୧୭ ।୧(ସମିସ)**

୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧକୁ ନେଇ ଭେଟେରାନ୍ ନୌସୈନିକ ସଚ୍ଚିକାନ୍ତ ନାଥଙ୍କ 'ଯୁଦ୍ଧ-୧୯୭୧' ପୁସ୍ତକ ଶତାବ୍ଦୀ ଭବନରେ ଲୋକାର୍ପିତ ହୋଇଯାଇଛି। ରାଜ୍ୟ ସୈନିକ ବୋର୍ଡ ସମ୍ପାଦକ ତଥା 'ଯୁଦ୍ଧବୀର ସମ୍ମାନ ସମିତି'ର ସଭାପତି କମୋଡୋର୍ ଘନଶ୍ୟାମ ଓଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ବରିଷ୍ଠ ବିଚାରପତି ଜଷ୍ଟିସ୍ ବିଶ୍ୱନାଥ ରଥ, ମୁଖ୍ୟ ଅତିଥି ଅବସରପ୍ରାପ୍ତ ଲେଫ୍‌ଟନାଣ୍ଟ ଜେନେରାଲ୍ ଜୟନ୍ତ ମହାନ୍ତି, ମୁଖ୍ୟବକ୍ତା ବିଶିଷ୍ଟ କଥାକାର ଡ. ଗୌରହରି ଦାସ ଓ ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଏୟାର୍ ମାର୍ସଲ୍ ଜ୍ୟୋତିନାରାୟଣ ବର୍ମା ଯୋଗଦେଇ ପୁସ୍ତକର ଲୋକାର୍ପଣ କରିଥିଲେ। ନ୍ୟାସନାଲ୍ ଡିଫେନ୍ସ ଏକାଡେମିର ଅବସରପ୍ରାପ୍ତ ପ୍ରଫେସର୍ ଡ. ସୂର୍ଯ୍ୟକାନ୍ତ ନାଥ ପୁସ୍ତକର ସମୀକ୍ଷା କରିଥିବା ବେଳେ ପୁସ୍ତକର ପ୍ରକାଶକ ଆମ ଘର ପବ୍ଲିକେସନ୍‌ର ଚିତ୍ତରଞ୍ଜନ ପାତ୍ର ଓ ଭେଟେରାନ୍ ଶ୍ରୀପତି ସ୍ୱାଇଁ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୋନାଲିସା ସ୍ୱାଇଁ ଓ ସିମି ସ୍ୱୀକୃତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ୧୯୭୧ ଯୁଦ୍ଧ ଲଢିଥିବା ୧୫ଜଣ ବୀର ସୈନିକଙ୍କ ସମେତ ବହୁସଂଖ୍ୟକ ଭେଟେରାନ୍ ସେନା ଅଧିକାରୀ ଓ ସୈନିକ ଉପସ୍ଥିତ ଥିଲେ।




# ଶେଖବଜାର ପ୍ରିମିୟର ଲିଗ୍ ଉଦ୍‌ଘାଟିତ




**କଟକ, ୧୭ ।୧(ସମିସ)**

ବାରବାଟୀ ଷ୍ଟାଡୟମଠାରେ କେଶବ ବେହେରା ମେମୋରିଆଲ ଶେଖ ବଜାର ପ୍ରିମିୟର ଲିଗର ୧୨ ତମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ୧୦ଟି ଦଳକୁ ନେଇ ୨ ଦିନ ବ୍ୟାପି ଦିବରାତ୍ରି କ୍ରିକେଟ ଖେଳ ଆୟୋଜିତ ହୋଇଥିଲା। ଏହି ଲିଗକୁ ମେୟର ସୁବାସ ସିଂ ଉଦଘାଟନ କରିଥିଲେ। ଶେଖବଜାର ପୂଜା କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଖେଳ ଆୟୋଜନ କରାଯାଉଛି। କର୍ପୋରେଟର ବସନ୍ତ ବେହେରା, କର୍ପୋରେଟର ଲକ୍ଷ୍ମୀପ୍ରିୟା ବେହେରା, କର୍ପୋରେଟର ଲିଜାରାଣୀ ରାଉତ, ଓସିଏ ସମ୍ପାଦକ ସଞ୍ଜୟ ବେହେରା, ଅର୍ବାନ କୋପେରେଟିଭ ବ୍ୟାଙ୍କର ନିର୍ଦ୍ଦେଶକ ଧର୍ମେଶ ନାୟକ, ଶେଖ ବଜାର ପୂଜା କମିଟିର ସଭାପତି ରାଜକିଶୋର ନାୟକ, ଆୟୋଜକ ଦେବ ସାଇଲ, ଶେଖ ବଜାର ପୂଜା କମିଟର ସମ୍ପାଦକ କିଶୋର ବେହେରା, ରାଜୀବ ମହାନ୍ତି, ଦେବେନ୍ଦ୍ର ପାଣିଗ୍ରାହୀ, ଜନ ଆଶିଷ ବରାଳ, ସଏଦ ଶେଖାୱତ୍ ଅଲି, ଶେଖ ବଜାର ପୂଜା କମିଟିର ସମସ୍ତ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ବେକିଂ ଟେକ୍ନୋଲୋଜିରେ ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମ

**କଟକ, ୧୭ ।୧(ସମିସ):** ବେକିଂ ଟେକ୍ନୋଲୋଜିରେ ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ମହିଳାମାନଙ୍କୁ ସଶକ୍ତ ଏବଂ ଆତ୍ମନିର୍ଭରଶୀଳ କରିବା ଉଦ୍ଦେଶ୍ୟରେ ଜାନୁଆରୀ ୯ରୁ ୧୬ ତାରିଖ ମଧ୍ୟରେ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ ସଫଳତାର ସହିତ ଏକ ପାଞ୍ଚ ଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଯୁବ କ୍ରୀଡା ସଂଘ ଏବଂ 'ଉତ୍ଥାନ' ଦ୍ୱାରା ପ୍ରାୟୋଜିତ ହୋଇଥିଲା। ସମାପନ ଅଧିବେଶନରେ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକର ନିର୍ଦ୍ଦେଶକ ଡ. ଅମରେଶ କୁମାର ନାୟକ ସମସ୍ତ ଅଂଶଗ୍ରହଣକାରୀଙ୍କୁ କୃତଜ୍ଞତା ଜଣାଇଥିଲେ। ସେ କହିଥିଲେ ଯେ, ଉଦ୍ୟୋଗ ଏବଂ ଦକ୍ଷତା ବିକାଶ ମାଧ୍ୟମରେ ମହିଳାମାନଙ୍କୁ ସଶକ୍ତ କରିବା ହେଉଛି ଅନ୍ତର୍ଭୁକ୍ତ ଏବଂ ଦୀର୍ଘକାଳୀନ ଅର୍ଥନୈତିକ ସଫଳତାକୁ ପ୍ରୋତ୍ସାହିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଥମ ସୋପାନ। କଟକର ଦିୱାନ ବଜାରରୁ



ମନୋନୀତ ହୋଇଥିବା ୧୫ ଜଣ ମହିଳା ଅଂଶଗ୍ରହଣ କରିଥିଲେ। ଏହି ମହିଳାମାନଙ୍କର ନିଜସ୍ୱ ବ୍ୟବସାୟ ଆରମ୍ଭ କରିବା ପାଇଁ ଆବଶ୍ୟକ ଜ୍ଞାନ ଏବଂ ଦକ୍ଷତା ଥିଲା। ତାଲିମ ପରେ, ସେମାନେ ଏକ ସ୍ୱୟଂ ସହାୟକ ଗୋଷ୍ଠୀ ଭାବରେ ପଞ୍ଜୀକୃତ ହେବେ ଏବଂ ସଫଳତାର ସହ ସେମାନଙ୍କ ଉଦ୍ୟୋଗ ପ୍ରତିଷ୍ଠା ଏବଂ ପରିଚାଳନା ପାଇଁ ଜାତୀୟ ଧାନ ଗବେଷଣା ଅନୁଷ୍ଠାନରୁ ଉତ୍ସର୍ଗୀକୃତ ହ୍ୟାଣ୍ଡହୋଲ୍ଡିଂ ସହାୟତା ପାଇବେ। ଏହି କାର୍ଯ୍ୟକ୍ରମକୁ ଡ. ଏମ୍ ଶିବଶଙ୍କରୀ, ବୈଜ୍ଞାନିକ, ଫସଲ ଉତ୍ପାଦନ ବିଭାଗ, ସଂଯୋଜନା କରିଥିଲେ।

# ନୂଆ ଓଡ଼ିଶା ନବୀନ ଓଡ଼ିଶା କ୍ରୀଡ଼ା ଉତ୍ସବ



**କଟକ, ୧୭ ।୧(ସମିସ):** 'ନୂଆ-ଓ ନୂଆ ଓଡ଼ିଶା ନବୀନ ଓଡ଼ିଶା' ର କ୍ରୀଡା ଉତ୍ସବ ବିଡାନାସୀ ସ୍ଥିତ ବସୁନ୍ଧରା ଖେଳ ପଡ଼ିଆଠାରେ ଏକ ଫୁଟବଲ ଟୁର୍ଣ୍ଣାମେଣ୍ଟ ସିଏମସି ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମେୟର ସୁବାସ ସିଂ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଦେବାଶିଷ ସାମନ୍ତରାୟ, ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଖେଳର ଉପକାରିତା ଓ ଓଡ଼ିଶା ସରକାରଙ୍କ ଖେଳାଳିଙ୍କ ପାଇଁ ବିଭିନ୍ନ ଯୋଜନା ବିଷୟରେ କହିଥିଲେ। ଏହି ଅବସରରେ ୧ନଂ ୱାର୍ଡରେ ସଭାପତି ବୀରେନ୍ଦ୍ର ବେହେରା, ଦେବେନ୍ଦ୍ର ପାଣିଗ୍ରାହୀ, ଦୀପ୍ତି ରଞ୍ଜନ ରାୟ, ବିନୋଦ ପଣ୍ଡା, ସ୍ଥାନୀୟ ଯୁବକ ସଙ୍ଘ, ସ୍ଥାନୀୟ କ୍ରୀଡ଼ାପ୍ରେମୀ ଓ ଶତାଧିକ ଖେଳପ୍ରେମୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅନ୍ନଦା ପ୍ରସାଦ ରାୟଙ୍କ ଜୟନ୍ତୀ

**କଟକ, ୧୭ ।୧(ସମିସ):** ସାରସ୍ୱତ ସାଧକ, ସମାଜସେବୀ, ସାମ୍ବାଦିକ, ସମ୍ପାଦକ ଓ ରାଜନେତା ଅନ୍ନଦା ପ୍ରସାଦ ରାୟଙ୍କ ଜୟନ୍ତୀ ଓଡ଼ିଶା ପ୍ରତିଭା ପୂଜା ସଂସଦ ପକ୍ଷରୁ ରାମକୃଷ୍ଣ କୁଟୀର ପରିସରରେ ପାଳିତ ହୋଇଯାଇଛି। ସଂସଦର ସଭାପତି ଡ. ସତ୍ୟ ରାୟ ଏହି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଆଇନଜୀବୀ ଗୋକୁଳାନନ୍ଦ ପଟ୍ଟନାୟକ, ମିଳନ ବଡୁ, ଭୁବନାନନ୍ଦ ମହାନ୍ତି, ସାମ୍ବାଦିକ କମଳାକାନ୍ତ ଦାଶ, ସମାଜସେବୀ ଉତ୍କଳ ଭୂଷଣ ରାଉତରାୟ, ବିଜୟ ପାତ୍ର, ପୂର୍ଣ୍ଣଚନ୍ଦ୍ର ଛାଟୋଇ ପମୁଖ ସ୍ୱର୍ଗତ ରାୟଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ କରିଥିଲେ।

**ଯାନବାହନ ପିୟୁସି ପ୍ରମାଣପତ୍ରରୁ ୩୦ଲକ୍ଷ ରାଜସ୍ୱ ଆଦାୟ**

# କଟକରେ ୮ ଲକ୍ଷ ୯୬ହଜାର ପ୍ରମାଣପତ୍ର ଜାରି

**କଟକ, ୧୭ ।୧(ସମିସ)**

ଗତ ୨୦୧୯ରୁ ଯାନବାହନ ଗୁଡିକ ପାଇଁ ପ୍ରଦୂଷଣ ଯାଞ୍ଚ ପ୍ରମାଣପତ୍ର ବାଧ୍ୟତାମୂଳକ କରାଯାଇଛି। ଦିନାକେତେ ପିୟୁସି(ପଲ୍ୟୁସନ ଅଣ୍ଡର କଣ୍ଟ୍ରୋଲ) ସାର୍ଟିଫିକେଟ ପାଇଁ ଧରପଗଡ଼ ହେବାରୁ ଗାଡି ଚାଳକ ମାନେ ସଚେତନ ହୋଇ ସେମାନଙ୍କ ଗାଡିର ପ୍ରଦୂଷଣ ମାତ୍ରା ଯାଞ୍ଚ କରାଇ ପ୍ରମାଣପତ୍ର ହାସଲ କରୁଥିଲେ। ଏବେ ଅନେକ ଗାଡି ଗୁଡିକର ପ୍ରମାଣପତ୍ର ବୈଧତା ଶେଷ ହେବା ପରେ ଆଉ ନୂଆ ପ୍ରମାଣପତ୍ର ସଂଗ୍ରହ କରିବା ପାଇଁ ଆଗ୍ରହ ପ୍ରକାଶ କରୁନାହାଁନ୍ତି। ଆଜିର ସୁଦ୍ଧା କଟକ ଆଞ୍ଚଳିକ ପରିବହନ ଅଫିସ ଅନ୍ତର୍ଗତ ଅଞ୍ଚଳରେ ଥିବା ଯାଞ୍ଚ କେନ୍ଦ୍ର ଗୁଡିକରୁ ୮ଲକ୍ଷ ୯୫ହଜାର୯୦୦ଗାଡି ପାଇଁ ପିୟୁସି ପ୍ରମାଣପତ୍ର ଜାରି ହୋଇଥିବା ଜଣାପଡ଼ିଛି। ଗୋଟିଏପଟରେ ସଂଶୋଧିତ ମୋଟରଯାନ ନିୟମ ଅନୁସାରେ ବିନା ପ୍ରଦୂଷଣ ପ୍ରମାଣପତ୍ରରେ ଗାଡିକୁ ୧୦ହଜାରଟଙ୍କା ପର୍ଯ୍ୟନ୍ତ ଜରିମାନା କରିବାର ବ୍ୟବସ୍ଥା ରହିଛି। ଯାହା ପୂର୍ବରୁ ମାତ୍ର ୫୦୦ଟଙ୍କା ଥିଲା। ତଥାପି ବର୍ଦ୍ଧିତ ଜରିମାନା ସତ୍ତ୍ୱେ ଗାଡି ଗୁଡିକ ପ୍ରଦୂଷଣ ପ୍ରମାଣପତ୍ର ନଥାଇ ଚଳାଚଳ କରିବା ପରିବହନ ଓ ପୁଲିସ ବିଭାଗର ଏନଫୋର୍ସମେଣ୍ଟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ୨୦୧୯ରେ ୨ଲକ୍ଷ ୫୧ହଜାର ୧୨୦ଟି, ୨୦୨୦ରେ ୨ଲକ୍ଷ୫ହଜାର୪୪୧ଟି, ୨୦୨୧ରେ ୧ଲକ୍ଷ୪୬ହଜାର ୭୪୦ଟି, ୨୦୨୨ରେ ୧ଲକ୍ଷ୩୮ହଜାର୫୨୩ଟି, ୨୦୨୩ରେ ୧ଲକ୍ଷ୪୭ହଜାର ୫୮୭ଟି ପିୟୁସି ସାର୍ଟିଫିକେଟ ଜାରି ହୋଇଥିଲା। ୨୦୨୪ରେ ବର୍ତ୍ତମାନ ସୁଦ୍ଧା ୬ହଜାର୪୮୯ଟି ପିୟୁସି ପ୍ରମାଣପତ୍ର ଜାରି ହୋଇଛି। ୨୦୧୯-୨୦ରେ ମାତ୍ର ୩୩ଟି ପିୟୁସି ସେଣ୍ଟର ଜିଲ୍ଲାରେ ଥିବା ବେଳେ ଆଜିର ଦିନରେ ୧୭୩ଟି ପିୟୁସି ସେଣ୍ଟର କାର୍ଯ୍ୟକ୍ଷମ ହୋଇପାରିଛି। ପ୍ରତିବର୍ଷ ଏହି ପ୍ରମାଣପତ୍ର ହାସଲକାରୀଙ୍କ ସଂଖ୍ୟା ସହ ଏହି ବାବଦରେ ରାଜସ୍ୱ ଆଦାୟ କମି କମି ଚାଲିଛି। ପିୟୁସି ପ୍ରମାଣପତ୍ର ପାଇଁ ଦୁଇଚକିଆ ଓ ତିନିଚକିଆ ଗାଡି ମାତ୍ର ୬୦ଟଙ୍କା ଓ ଚାରିଚକିଆ ହାଲୁକା ଗାଡି ପାଇଁ ୧୦୦ଟଙ୍କା ଦେବାକୁ ପଡୁଛି।

ସେହିପରି ମଧ୍ୟମ ଓ ଭାରୀ ଯାନ ପାଇଁ ୧୫୦ଟଙ୍କା ଧାର୍ଯ୍ୟ ହୋଇଛି। ୨୦୧୯ରୁ ଅଦ୍ୟାବଧି ଏହି ପ୍ରମାଣପତ୍ର ଜାରି ବାବଦରେ ଆଦାୟ ହୋଇଥିବା ମୋଟ ଫି ୩୦ଲକ୍ଷରେ ପହଞ୍ଚିଛି। ୨୦୧୯ରେ ସର୍ବାଧିକ ୧୨ଲକ୍ଷ୮ହଜାର, ୨୦୨୦ରେ ୭ଲକ୍ଷ୮୯ହଜାର, ୨୦୨୧ରେ ୫ଲକ୍ଷ ୩୩ହଜାର, ୨୦୨୨ରେ ୨ଲକ୍ଷ ୫୮ହଜାର, ୨୦୨୩ରେ ୨ଲକ୍ଷ୪ହଜାର ଓ ୨୦୨୪ରେ ଆଜି ସୁଦ୍ଧା ୯ହଜାର ରାଜସ୍ୱ ଆଦାୟ ହୋଇପାରିଛି।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପିତ

# ସଭିଁଙ୍କ ତୁଣ୍ଡରେ ଜୟ ଜଗନ୍ନାଥ...


ମାହାଙ୍ଗା


ଟାଙ୍ଗୀ


କିଶନନଗର

**ମାହାଙ୍ଗା, ୧୭।୧(ସମିସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ଜରିଆରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ପ୍ରତିଷ୍ଠା ଓ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ଆଜି ମାହାଙ୍ଗା ବ୍ଲକ କୁଆଁପାଳ ସ୍ଥିତ ପବିତ୍ର ବଣ୍ଡଆ ମହାପୁରୁଷ ପୀଠସ୍ଥଳୀରେ ହଜାର ହଜାର ଜଗନ୍ନାଥ ଶ୍ରଦ୍ଧାଳୁମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ଦେଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ବିଧାୟକଙ୍କ ଧର୍ମପତ୍ନୀ ଡେଜି ଜେନା, ଯୋଗଦେଇଥିଲେ। ଏଥିରେ ଜିଲ୍ଲା ପରିଷଦ ସଭ୍ୟା ସୁସ୍ମିତା ଦାସ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ହୃଷିକେଶ ସ୍ୱାଇଁ, ଜଳେଶ୍ୱରପୁର ସରପଞ୍ଚଙ୍କ ପ୍ରତିନିଧି ସୁବାଷ ଜେନା, ସମିତିସଭ୍ୟାଙ୍କ ପ୍ରତିନିଧି ଶତ୍ରୁଘ୍ନ ସେଠୀ, ଶ୍ରୀକୃଷ୍ଣପୁର ସରପଞ୍ଚ ରାଜକିଶୋର ବଳ, ସରପଞ୍ଚ ସୁନାକର ବେହେରା, ନର୍ମଦା ନାୟକ, ଅମୀୟ ନାୟକ, ଗୌରାଙ୍ଗ ବେହେରା, ମୃତ୍ୟୁଞ୍ଜୟ ବରାଳ, ହୃଷିକେଶ ଲାଲା, ଅଜୟ ଦାସ, ରାମଚନ୍ଦ୍ର ବାରିକ, ଦେବେନ୍ଦ୍ର ମହାନ୍ତି, ରମେଶ ପରିଡ଼ା, ପ୍ରଦୀପ୍ତ ବିଶ୍ୱାଳ, ହିମାଂଶୁ ପୃଷ୍ଟିଙ୍କ ସମେତ ୪୦ନଂ ଜୋନରେ ହଜାର ହଜାର ଜଗନ୍ନାଥ ଶ୍ରଦ୍ଧାଳୁମାନେ ଉପସ୍ଥିତ ଥିଲେ। ସେହିପରି ଜୋନ ନଂ ୩୯ର କୁଣ୍ଡି ପଞ୍ଚାୟତ ଇଶାଣେଶ୍ୱର ମନ୍ଦିର ପରିସରରେ ଆଭାସୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ପରିଷଦ ସଭ୍ୟ ରିଆଜୁଲ ହୋଦା, ପ୍ରଶାନ୍ତ ପଟ୍ଟନାୟକ, ସରପଞ୍ଚ ବିଜୟାନନ୍ଦ ସ୍ୱାଇଁ, ସାହାପୁର ସରପଞ୍ଚ ସାରଦା ମହାନ୍ତି, ଜୟନ୍ତ ବିଶ୍ୱାଳ, ସରପଞ୍ଚଙ୍କ ପ୍ରତିନିଧି ଭବାନୀ ଶଙ୍କର ସାମଲ, ରମେଶ ନାୟକ ପ୍ରମୁଖଙ୍କ ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ସେହିପରି ୪୧ନଂ ଜୋନର ପୋଡାମରାଇ ଜଗନ୍ନାଥ ମନ୍ଦିର ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ଶ୍ରୀ ଜେନା, ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ଜିଲ୍ଲା ପରିଷଦ ସଭ୍ୟ ଜଗବନ୍ଧୁ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ସେହପିରି ଜୋନ ନଂ ୪୨ ଭଦ୍ରେଶ୍ୱରଠାରେ ଏହି ଅଭାସୀ କାର୍ଯ୍ୟକ୍ରମ ଦ୍ୱାରା ଶ୍ରୀମନ୍ଦିର ପ୍ରକଳ୍ପ ଉଦ୍‌ଘାଟନର ସିଧା ପ୍ରସାରଣ ଦୃଶ୍ୟ ଦେଖିଥିଲେ। ଏଥିରେ ବିଧାୟକ ଶ୍ରୀ ଜେନା, ଜିଲ୍ଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସରପଞ୍ଚ କମଳାକାନ୍ତ ରାଉତଙ୍କ ସମେତ ବହୁ ଜଗନ୍ନାଥ ପ୍ରେମୀ ଉପସ୍ଥିତ ଥିଲେ। ବିଡିଓ ଅମୀୟ ପଣ୍ଡା, ଏବିଡିଓ ଜ୍ଞାନରଞ୍ଜନ ପଣ୍ଡା, ସହକାରୀ ନିର୍ବାହୀଯନ୍ତ୍ରୀ ପ୍ରଦ୍ୟୁତ ସାହୁଙ୍କ ସମେତ ବ୍ଲକର ବହୁ କର୍ମଚାରୀ ଓ ପଞ୍ଚାୟତର ପିଇଓମାନେ ଉପସ୍ଥିତ ଥିଲେ।

**ଟାଙ୍ଗୀ:** ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବର ସିଧା ପ୍ରସାରଣ ବୁଧବାର ରାଜ୍ୟବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଦୃଷ୍ଟିରେ ରଖି ଟାଙ୍ଗୀ-ଚୌଦ୍ୱାର ବ୍ଲକ ପ୍ରଶାସନ ପକ୍ଷରୁ ସିଧାପ୍ରସାରଣ କାର୍ଯ୍ୟକ୍ରମ କୋଟସାହି ପଞ୍ଚାୟତ ଟାଙ୍ଗୀ ମଦନମୋହନ ସାହିସ୍ଥିତ ଶ୍ରୀଶ୍ରୀ ମଦନମୋହନ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ବିଡିଓ ହେମନ୍ତ ମହାନ୍ତଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ସମେତ ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ଜୟଶ୍ରୀ ପ୍ରଧାନ, ଆତ୍ମା ଅଧକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ଯୁବ ସଂଗଠକ ଜନ୍ମେଜୟ ଖିଲାର, ଧିରେନ୍ଦ୍ର ଜେଠୀ, ଗୋବିନ୍ଦ ଦାସ, ଅଜୟ ପୃଷ୍ଟି, କେନ୍ଦ୍ରାପଡ଼ା ସାଂସଦ ପ୍ରତିନିଧି ଶାରଦା ପ୍ରସନ୍ନ ମହାନ୍ତି, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ସ୍ୱାଧୀନ କିଶୋର ମହାନ୍ତି, ଆଶିଷ ଷଡ଼ଙ୍ଗୀ, ପରମଜିତ ମହାନ୍ତି ଓ ସାଗର କର, ଗୋପାଳ ଲେଙ୍କା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଅତିରିକ୍ତ ବିଡିଓ ଶାଶ୍ୱତ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ମିଶନ ଶକ୍ତି ମହିଳା ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ।

**ନିଆଳି:** ବୁଧବାର ପବିତ୍ର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଅବସରରେ ଏହାର ସିଧାପ୍ରସାରଣ ଉତ୍ସବ କାର୍ଯ୍ୟକ୍ରମ ନିଆଳି ବ୍ଲକ ମାଧବ ସ୍ଥିତ ଜଗନ୍ନାଥଙ୍କ ମାମୁଁଘର ମାଧବାନନ୍ଦଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ନିଆଳି ପଞ୍ଚାୟତ ସମିତି ପକ୍ଷରୁ ୨୩ଟି ଗ୍ରାମ ପଞ୍ଚାୟତର ମୁଖ୍ୟାଳୟରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉତ୍ସବର ସିଧାପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବାବେଳେ ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତର ସରପଞ୍ଚମାନେ ପରିଚାଳନା କରିଥିଲେ। ସେହିପରି ଏହି କାର୍ଯ୍ୟକ୍ରମକୁ ବ୍ଲକସ୍ତରରେ ଜଗନ୍ନାଥଙ୍କ ମାମୁଁ ଘର ମାଧବାନନ୍ଦଜୀୟୁ ପୀଠରେ କରାଯାଇଥିବା ବେଳେ ସେଠାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ସହ ମାଧବାନନ୍ଦଜୀୟୁ ପୀଠ ଚଳଚଞ୍ଚଳ ହୋଇପଡ଼ିଥିଲା। ପ୍ରାତଃରୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ୧୬ଟି ସଂକୀର୍ତ୍ତନ ଦଳ ପହଞ୍ଚି ସଂକୀର୍ତ୍ତନ ପରିବେଷଣ କରିଥିବା ବେଳେ ଭଜନ ସମାରୋହ, ପାଲା ପରିବେଶଣ, ଓଡ଼ିଶୀ ସମେତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଡ଼ିଓ ଉଲ୍ଲାସ ଚନ୍ଦ୍ର ସେଠୀଙ୍କ ତତ୍ତ୍ୱବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ପ୍ରଫେସର ଡା. ପ୍ରମୋଦ ମଲ୍ଲିକ, ତହସିଲଦାର ପୂର୍ଣ୍ଣଚନ୍ଦ୍ର ଜେନା, ପଞ୍ଚାୟତ ସମିତି ଅଧକ୍ଷ ଉମେଶ ଚନ୍ଦ୍ର ବେହେରା, ସାଂସଦଙ୍କ ପ୍ରତିନିଧି ଆଦିତ୍ୟ ପାଣି, ଆତ୍ମା ଅଧକ୍ଷ ବିଷ୍ଣୁ ଚରଣ ସ୍ୱାଇଁ, ମିଶନଶକ୍ତି ମହାସଂଘର ସମ୍ପାଦିକା ସତ୍ୟସ୍ମିତା ପାଣି, ସହକାରୀ ନିର୍ବାହୀ ଯନ୍ତ୍ରୀ ରାମରତନ ଭୂୟାଁ, ଏସଡିପିଓ ଶୁଭ୍ରାଂଶୁ ଶେଖର ପରିଡ଼ା, ଆଇଆଇସି ତପନ ରାଉତ, ଏବିଡିଓ ପଲ୍ଲବି ରାଉତ, ସିଡିପିଓ ଗୀତା ଗାୟତ୍ରୀ ରଥ, କାହ୍ନୁ ପୁଷ୍ପାଳକ ପ୍ରମୁଖ ଉପସ୍ଥିତ ଥିଲେ।

**ବାଙ୍କୀ:** ଶ୍ରୀ ଜଗନ୍ନାଥ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଅବସରରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ମା'ଟର୍ଚ୍ଚିକା ଛାତ୍ରୀ ନିବାସ ପରିସରରେ ଶ୍ରୀ ଜଗନ୍ନାଥ ସଂସ୍କୃତି ଉପରେ ଏକ ଆଲୋଚନା ଚକ୍ର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରୀ ନିର୍ବାସର ତତ୍ତ୍ୱାବଧାରିକା ଡ. ସନ୍ଧ୍ୟାରାଣୀ ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବରେ କଲେଜ ଅଧକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା, ସମ୍ମାନୀତ ଅତିଥିଭାବରେ ପ୍ରାଧ୍ୟାପକ ମନୋଜ ମହାପାତ୍ର, ଅତିଥି ଭାବେ ଅଧ୍ୟାପିକା ଜ୍ୟୋର୍ତିମୟୀ ପାଢ଼ୀ, ଅଧ୍ୟାପିକା ରୋଜାଲିନ୍ ମହାନ୍ତି, ପ୍ରଭାକର ରଥ ଓ ପ୍ରଭାତ କୁମାର ବଳିୟାରସିଂହ ଯୋଗଦାନ କରି ଜଗନ୍ନାଥଙ୍କ ତତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସହତତ୍ତ୍ୱାବଧାରକ କିଶୋର ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଛତ୍ରୀ ନିବାସର ସାଧାରଣ ସମ୍ପାଦିକା ଶୀତଲ୍ ସାହୁ ଓ କଳ୍ପନା ନନ୍ଦ ପରିଚାଳନା କରିଥିଲେ।

**ନିଶ୍ଚିନ୍ତକୋଇଲି:** ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଜିଗ୍ନୀପୁର ବ୍ରହ୍ମକ୍ଷେତ୍ର ପୀଠ ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିର ପ୍ରାଙ୍ଗଣ, ଅସୁରେଶ୍ୱର ପଞ୍ଚାୟତ ଅନ୍ତର୍ଗତ କୋଇଲୋ ସ୍ଥିତ ଶ୍ରୀ ଶ୍ରୀ ଦଧିବାମନଜୀଉ ମନ୍ଦିର ପ୍ରାଙ୍ଗଣରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦଘାଟନ ମହୋତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ପୁରୀରେ ଅନୁଷ୍ଠିତ ହୋଇଥିବା ଉକ୍ତ ପ୍ରକଳ୍ପର ଉଦଘାଟନ କାର୍ଯ୍ୟକ୍ରମକୁ ପ୍ରଦର୍ଶିତ କରାଯାଇ ହଜାର ହଜାର ଜଗନ୍ନାଥ ପ୍ରେମୀ ଶ୍ରଦ୍ଧାଳୁଙ୍କୁ ଦେଖିବାର ବ୍ୟବସ୍ଥା କରାଯାଇଥିଲା। ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ଓଝାଙ୍କ ପୌରୋହିତ୍ୟରେ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଏବଂ ତାଙ୍କର ଧର୍ମପତ୍ନୀ ଡେଜି ଜେନା ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀଜୀଉଙ୍କ ମ୍ୟାନେଜିଂ ଟ୍ରଷ୍ଟି ଧିରେନ୍ଦ୍ରନାଥ ବେହେରା, ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ପ୍ରାକ୍ତନ ବ୍ଲକ ଗିରିଶରଞ୍ଜନ ମହାପାତ୍ର, ସବିତା ଓଝା, ସରପଞ୍ଚ ତିଳୋତ୍ତମା ରାଉତ, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ଯୁବ ବିଜେଡି ସଭାପତି ଜ୍ଞାନରଞ୍ଜନ ରାଉତ, ବିଡ଼ିଓ ଧର୍ମରଞ୍ଜନ ପଣ୍ଡା, ସହକାରୀ ଯନ୍ତ୍ରୀ ବିଭୁଦତ୍ତ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ୧୫ଟି ପଞ୍ଚାୟତରୁ ସରପଞ୍ଚ, ସମିତିସଭ୍ୟ ସଭ୍ୟା, ଜିଲ୍ଲାପରିଷଦ ସଭ୍ୟ ଏବଂ ବହୁ ବିଜେଡି ନେତୃବନ୍ଦ ଓ ବୟୋଜ୍ୟୋଷ୍ଠ ମୁରବୀମାନେ ଯୋଗଦେଇଥିଲେ। ସେହିପରି ଅସୁରେଶ୍ୱରରେ ସରପଞ୍ଚ ଗୌତମୀ ଦାସ ଓ ଯୁବନେତା ଅନନ୍ତ କୁମାର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ବ୍ଲକ ଅଧକ୍ଷ ଗିରିଶ ରଞ୍ଜନ ମହାପାତ୍ର, ଜିଲ୍ଲାପରିଷଦ ସଭ୍ୟା ଜସ୍ମିତା ସେଠୀ, ପୂର୍ବତନ ସରପଞ୍ଚ ପ୍ରମୋଦ ପରିଡ଼ା, କେରିଲୋ ସରପଞ୍ଚ ଶୁଭ୍ରା ମହାନ୍ତି, ମହାସଂଘ ସଭାନେତ୍ରୀ ନର୍ମଦା ସାହୁ, ଶିଶିର ମିଶ୍ର, ପୂର୍ଣ୍ଣାନନ୍ଦ ବେହେରା, ନିତ୍ୟାନନ୍ଦ ସେଠୀ, ରାଜୀବ ଲୋଚନ ବେହେରା, ମନୋଜ ବେହେରା ଓ ସୁଧାଂଶୁ ଶେଖର ଦାସଙ୍କ ସମେତ ୧୨ଟି ପଞ୍ଚାୟତରୁ ବିଜେଡି ନେତୃବୃନ୍ଦ ଓ ହଜାର ହଜାର ସଂଖ୍ୟାରେ ଜଗନ୍ନାଥ ପ୍ରେମୀ ଯୋଗଦେଇଥିଲେ।

**ତିଗିରିଆ:** ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପର ଭବ୍ୟ ଲୋକାର୍ପଣ ଉତ୍ସବର ସିଧାପ୍ରସାରଣ କାର୍ଯ୍ୟକ୍ରମ ଆଜି ତିଗିରିଆ ବ୍ଲକର ବିଭିନ୍ନ ପଞ୍ଚାତୟର ଶହ ଶହ ଜନତା ନିରବଛିନ୍ନ ଭାବେ ଉପଭୋଗ କରିଛନ୍ତି। ଏଥିନେଇ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକର ସମସ୍ତ ପଞ୍ଚାୟତରେ ଛକ, ବଜାର, ପଞ୍ଚାୟତ କାର୍ଯ୍ୟାଳୟ ତଥା ଜନଗହଳିପୂର୍ଣ୍ଣ ସ୍ଥାନମାନଙ୍କର ଅସ୍ଥାୟୀ ଟେଣ୍ଟ ନିର୍ମାଣ କରାଯାଇ ବଡ ବଡ ଏଲଇଡି ଓ ପରଦା ଲଗାଯାଇ ଏହି ସିଧା ପ୍ରସାରଣ କାର୍ଯ୍ୟକୁ ସୂଚାରୁ ରୂପେ ଦର୍ଶନ କରାଯିବାର ବ୍ୟବସ୍ଥା କରାଯାଇଥିଲା। ପୂର୍ବପ୍ରସ୍ତୁତି କାର୍ଯ୍ୟକ୍ରମ ଅନୁଯାୟୀ ଆଜି ସକାଳ ୭ଟା ଠାରୁ ଏହି ବ୍ଲକ ଅନ୍ତର୍ଗତ ଅଚଳକୋଟ, ଭିରୁଡା, ପାଞ୍ଚଗାଁ, ସୋମପଡ଼ା, ତିଗିରିଆ ନିଜିଗଡ଼, ପୁରୁଣା ତିଗିରିଆ, ବିନ୍ଧାଣିମା, ବାଲିପୁଟ, ଜେମାଦେଇପୁର, ନୂଆପାଟଣା, ଭୋଗଡ଼ା, ଗଦାଧରପୁର, ହାଟମାଳ ଓ ବଡନାଉପୁଟ ପଞ୍ଚାୟତ କାର୍ଯ୍ୟାଳୟ ତଥା ବିଭିନ୍ନ ଛକ ଓ ଜନଗହଳୀପୂର୍ଣ୍ଣ ସ୍ଥାନମାନଙ୍କରେ ବଡ ଏଲଇଡି ଟିଭି ଓ ପରଦା ଟିଭିର ବ୍ୟବସ୍ଥା କରାଯାଇ ଜନସାଧାରଣଙ୍କ ଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଥିଲା।


**ଚୌଦ୍ୱାର:** ପୁରୀରେ ଶ୍ରୀମନ୍ଦିର ପରିକ୍ରମଣ ମାର୍ଗର ଲୋକାର୍ପଣ ପରେ ଚୌଦ୍ୱାର ସହରରେ ଚାଲିଥିବା ଅର୍ପଣ ରଥ ପରିକ୍ରମା ଉତ୍ସବ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଉଦ୍‌ଯାପିତ ହୋଇଯାଇଛି। ରୂପଯାତ୍ରା ପଡ଼ିଆରେ ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ କଳା ଅନୁଷ୍ଠାନର କଳାକାରମାନେ ଜଗନ୍ନାଥ ଭଜନ, ଜଣାଣ ଓ ସଙ୍ଗୀତ ଉପରେ ପର୍ଯ୍ୟବେକ୍ଷିତ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ଏଥି ସହିତ ରାଜ୍ୟର ବହୁ ସୁନାମଧନ୍ୟ କଣ୍ଠଶିଳ୍ପୀ ଭଜନ ପରିବେଷଣ କରିଥିଲେ। ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ। ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ସାଂସଦ ପ୍ରତିନିଧି ପ୍ରେମଚାନ୍ଦ ନାୟକ, ବିଧାୟକ ପ୍ରତିନିଧି ବିଷ୍ଣୁ ଚରଣ ପରିଡ଼ା, ପୌର ନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର, ଯୁବନେତା ଅର୍ଜୁନ ପଣ୍ଡା, ସମସ୍ତ କାଉନସିଲର, ପୌର କର୍ମଚାରୀ, ଅଞ୍ଚଳର ବିଭିନ୍ନ ଯୁବକ ସଂଘର ସଦସ୍ୟ ସଦସ୍ୟାବୃନ୍ଦ ତଥା ମନ୍ଦିର ଟ୍ରଷ୍ଟର ସଦସ୍ୟ ବୃନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ନିଶ୍ଚିନ୍ତକୋଇଲି:** ନେମାଳ ପଞ୍ଚାୟତ ସ୍ଥିତ ଶ୍ରୀ ଶ୍ରୀ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦଘାଟନ ମହୋତ୍ସବ ୨୫ନଂ ଜୋନ୍ ଜିଲ୍ଲାପରିଷଦ ସଭ୍ୟ ଇଂ.ବିଳାସ ଭୋଇ ଏବଂ ସମିତିସଭ୍ୟ ବିଶ୍ୱେନ୍ଦୁ ମହାରଣାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଛି। କଟକ ସଦର ନିର୍ବାଚନ ମଣ୍ଡଳୀର ୧୪ଟି ପଞ୍ଚାୟତରୁ ବହୁ ବିଜେଡି ନେତୃବୃନ୍ଦ ଏବଂ ଜଗନ୍ନାଥପ୍ରେମୀ ଭକ୍ତଗଣ ଏଥିରେ ଯୋଗଦେଇଥିଲେ। ସରପଞ୍ଚ ସସ୍ମିତା ମହାନ୍ତିଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲା ବିଜେଡି ସମ୍ପାଦକ ଅଚ୍ୟୁତାନନ୍ଦ ଦାସ, ଜିଲ୍ଲାପରିଷଦ ସଭ୍ୟାଙ୍କ ପ୍ରତିନିଧି ମନୋଜ ମହାନ୍ତି, ଯୁବନେତା ସୁନାକର ସାହୁ, ସରପଞ୍ଚ ସ୍ୱାଧୀନ ଭୂୟାଁ, ପୂର୍ବତନ ସରପଞ୍ଚ ସରୋଜ ବେହେରା, ସରପଞ୍ଚ ନିରୂପମା ଷଡଙ୍ଗୀ, ଶାରଦାପ୍ରସାଦ ନାୟକ, ବିଶ୍ୱଭୂଷଣ ନାୟକ, ସୁଶାନ୍ତ ସେଠୀ, ଚିନ୍ମୟୀ ବେହେରା, ଗୋପିନାଥ ପଲେଇ, ରମାକାନ୍ତ ଜେନା, ବିମଳ ଦାସ, ଭୈରବ କାନ୍ତ, ଅମୀୟ ମହାନ୍ତି, ହିମାଂଶୁ ଦାସ, ସୁବାଷ ପାତ୍ର, ନଟବର ଦଳାଇ, ରଘୁନାଥ ସେଠୀ, ବିଶ୍ୱନାଥ ପଣ୍ଡା, ନରହରି ବାରିକ, ସରୋଜ ସାମଲ, ରତିକାନ୍ତ ଭୂୟାଁଙ୍କ ସମେତ ବିଭିନ୍ନ ପଞ୍ଚାୟତର ବହୁ ନେତୃବୃନ୍ଦ ଯୋଗଦେଇଥିଲେ।

**କିଶନନଗର:** କଟକ ସଦର ଅଞ୍ଚଳର ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟରେ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ଉତ୍ସବ ପାଳନ ହେଉଥିବା ବେଳେ ଧରିଣା ପଞ୍ଚାୟତରେ ଆଡମ୍ବର ସହିତ ପାଳନ କରାଯାଇଛି। ଶ୍ରୀ ଜଗନ୍ନାଥଙ୍କ ଫଟୋଚିତ୍ର ରଖି ପୂଜାର୍ଚ୍ଚନା କରାଯାଇ ନାମ ସଂକୀର୍ତ୍ତନ ଆଦି ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତର ସରପଞ୍ଚ ରତ୍ନାକର ରାଉତଙ୍କ ନେତୃତ୍ୱରେ ଜିଏସ୍ ମୋନାଲିସା ଦାସ, ପିଓ ଅଜୟ ସେଠୀ, ଏମ୍‌ବିକେ ବୀଣାପାଣି ବେହେରା, ସୁଦର୍ଶନ ପ୍ରଧାନ, ପ୍ରଶାନ୍ତ ପଣ୍ଡା, ବିବେକ ରାଉତ, ତ୍ରିନାଥ ଦାଶ, ସାରଦା ପ୍ରସନ୍ନ ସାହୁ, ରମାକାନ୍ତ ଦାସ, କାଳନ୍ଦୀ ଦାସ, ପ୍ରମୋଦ ନାଥ, ତରଙ୍ଗ ମାଳା ଦାସଙ୍କ ସମେତ ପଞ୍ଚାୟତର ଜଗନ୍ନାଥ ପ୍ରେମୀ ସିଆରପି ମହିଳା ଓ ପ୍ରମୁଖ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ।


ନିଆଳି


ତିଗିରିଆ


ନିଶ୍ଚିନ୍ତକୋଇଲି


ନିଶ୍ଚିନ୍ତକୋଇଲି


ଚୌଦ୍ୱାର


ବାଙ୍କୀ

# ଅଯୋଧ୍ୟା ଗଲା ଅହିଂସା ଖଣ୍ଡୁଆ ପାଟ

**ତିଗିରିଆ, ୧୭।୧(ସମିସ):** କଟକ ଜିଲ୍ଲା ତିଗିରିଆ ବ୍ଲକ ଅନ୍ତର୍ଗତ ହସ୍ତତନ୍ତ ଗ୍ରାମ ନୂଆପାଟଣା ଅଞ୍ଚଳର ରାଷ୍ଟ୍ରପତି ପଦକ ପ୍ରାପ୍ତ ବାନ୍ଧକଳା ବୁଣାକାର ଅର୍ଜୁନ ପାଳ ଓ ତାଙ୍କ ଟିମ୍ ଦ୍ୱାରା ରାମଲାଲାଙ୍କ ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଥିବା ଅହିଂସା ପାଟ ଆଜି ଉତ୍ତରପ୍ରଦେଶର ଅଯୋଧ୍ୟା ଅଭିମୁଖେ ଯାତ୍ରା କରିଛି। ନୂଆପାଟଣା ଅଞ୍ଚଳର ବୁଣାକାର ପରିକ୍ଷିତ ବେହେରା ଏହି ପାଟ ଧରି ଆଜି ଅଯୋଧ୍ୟା ଅଭିମୁଖେ ଯାତ୍ରା କରିଛନ୍ତି। ସୂଚନା ମୁତାବକ ଉତ୍ତରପ୍ରଦେଶର ଅଯୋଧ୍ୟା ଠାରେ ନିର୍ମାଣଧୀନ ରାମଲାଲାଙ୍କ ମନ୍ଦିର ଓ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟ ଆସନ୍ତା ୨୨ ତାରିଖରେ ହେବାକୁ ଥିବା ବେଳେ ରାମଲାଲାଙ୍କ ପାଇଁ ସ୍ୱତନ୍ତ୍ର ପ୍ରକାରର ଅହିଂସା ପାଟ ସୂତାରେ ନିର୍ମିତ ୫ ହାତ ଲମ୍ବର ଅଙ୍ଗବସ୍ତ୍ର ଓ ୩ ହାତ ଲମ୍ବର ଉତ୍ତରୀୟ ପ୍ରଦାନ ନେଇ ନୂଆପାଟଣା ଅଞ୍ଚଳର ନଂ-୧ ତନ୍ତୁବାୟ ସମିତି ପକ୍ଷରୁ ରାମ ମନ୍ଦିର ଟ୍ରଷ୍ଟ ସହ ଯୋଗାଯୋଗ କରାଯିବା ପରେ ସେଠାରୁ ସ୍ୱୀକୃତି ପାଇ କାମ ଆରମ୍ଭ କରିଥିଲେ। ନୂଆପାଟଣା ଅଞ୍ଚଳର ରାଷ୍ଟ୍ରପତି ପଦକପ୍ରାପ୍ତ ବାନ୍ଧକଳା କାରିଗର ଅର୍ଜୁନ ପାଳଙ୍କ ନେତୃତ୍ୱରେ ରମାକାନ୍ତ ତୋଷ, ମନୋରଜ ତୋଷ, ଶରତ ଚନ୍ଦ୍ର ବେହେରା, ସବ୍ୟସାଚୀ ପାତ୍ର, ପରିକ୍ଷିତ ବେହେରା ଓ ଶୁଭେନ୍ଦୁ ପାତ୍ର ପ୍ରମୁଖ ଅତି ନିଷ୍ଠାର ସହ ରାମଲାଲାଙ୍କ ପାଇଁ ଏହି ବସ୍ତ୍ର ନିର୍ମାଣ କରିଥିଲେ। ରାମଲାଲାଙ୍କ ପାଇଁ ନିର୍ମିତ ସ୍ୱତନ୍ତ୍ର ଅଙ୍ଗବସ୍ତ୍ର ଓ ଉତ୍ତରୀୟକୁ ଆଜି ସ୍ଥାନୀୟ ରାମ ମନ୍ଦିରରେ ପୂଜାର୍ଚ୍ଚନା ପୂର୍ବକ ନାମ ସଂକୀର୍ତ୍ତନ ମଧ୍ୟରେ ଗ୍ରାମ୍ୟ ପରିକ୍ରମା କରାଯାଇ ଟିମ୍ ସଦସ୍ୟ ପରିକ୍ଷିତ ବେହେରାଙ୍କୁ ହସ୍ତାନ୍ତର କରାଯାଇଛି। ସେ ଆଜି ସନ୍ଧ୍ୟାରେ ବିମାନ ଯୋଗେ ଅଯୋଧ୍ୟା ଅଭିମୁଖେ ଯାତ୍ରା କରିବେ ବୋଲି ସୂଚନା ହସ୍ତଗତ ହୋଇଛି।



## ଚୌଦ୍ୱାର ନଗର ବିଜେଡି ସଭାପତିଙ୍କ ଇସ୍ତଫା

**ଚୌଦ୍ୱାର, ୧୭।୧(ସମିସ):** ଚୌଦ୍ୱାର ନଗର ବିଜେଡି ସଭାପତି ବିଷ୍ଣୁଚରଣ ପରିଡ଼ା ନିଜ ପଦରୁ ଇସ୍ତଫା ଦେଇଥିବା ନେଇ ଗଣମାଧ୍ୟମକୁ କହିଛନ୍ତି। ତେବେ ଇସ୍ତଫାର କାରଣ ସମ୍ପର୍କରେ ସେ କୌଣସି ସୂଚନା ଦେଇ ନାହାନ୍ତି। ପଦରୁ ଇସ୍ତଫା ଦେଲେ ବି ସେ ଦଳର ଜଣେ ଶୃଙ୍ଖଳିତ ସଦସ୍ୟ ଭାବେ ସମସ୍ତ ଦାୟିତ୍ୱ ତୁଲାଇବେ ବୋଲି ଶ୍ରୀ ପରିଡ଼ା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ସେ ଇସ୍ତଫାପତ୍ରକୁ ଦଳର ପଦାଧିକାରୀଙ୍କୁ ପ୍ରଦାନ କରିଥିବା ନେଇ ସୂଚନା ମିଳିଛି।

## ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତି ପାଠଚକ୍ର



**ନିଶ୍ଚିନ୍ତକୋଇଲି, ୧୭।୧(ସମିସ):** ନତକାଇ ସ୍ଥିତ ବଲ୍ଲଭୀ ଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ମନ୍ତ୍ରାଳୟ ଆନୁକୂଲ୍ୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଏବଂ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି। ଅଧକ୍ଷା ନିବେଦିତା ଦାସଙ୍କ ସଭାପତିତ୍ୱରେ ଏଥିଠରେ ଓଡ଼ିଆ ଭାଷା, ସାହିତ୍ୟ ବିଭାଗର ପ୍ରଫେସର ଡ. ଭୁବନାନନ୍ଦ ସାହୁ ଏବଂ ସଂସ୍କୃତ ଭାଷା ସାହିତ୍ୟର ଅବସରପ୍ରାପ୍ତ ପ୍ରଫେସର ଡ. ପୂର୍ଣ୍ଣଚନ୍ଦ୍ର ଓଝା ଯୋଗଦେଇ ଆଲୋଚନା କରିଥିଲେ। ନୋଡ଼ାଲ ଅଧିକାରୀ ଅଧ୍ୟାପକ କ୍ଷିତିଶ ଭୂୟାଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ର/ଛାତ୍ରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ସୁପ୍ରିୟା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୩.୭୫ • ପାଉଣ୍ଡ ୧୦୫.୩୬
- ୟୁରୋ ୯୦.୯୪ • ୟେନ୍ ୦.୫୬

## ସୁନାରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୫୮,୦୫୦ (ନୂଆଦିଲ୍ଲୀ)
- ରୁପା : ୭୬,୫୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୧,୫୦୦.୦୦
- ନିଫ୍ଟି ୨୧,୫୭୧.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬




# ଶେୟାର ବଜାରରେ ଝଡ଼

**ମୁମ୍ବାଇ,୧୭।୧(ଏଜେନ୍ସି)**

ଘରୋଇ ପୁଞ୍ଜିବଜାରରେ ହା ହା କାର। ବୁଧବାର ଭାରତୀୟ ଶେୟାର ବଜାରରେ ଦେଖିବାକୁ ମିଳିଛି ବଡ଼ ଝଡ଼। ନୂଆବର୍ଷରେ ପ୍ରଥମ ଥର ପାଇଁ ଘରୋଇ ଷ୍ଟକ୍ ବଜାରରେ ଦେଖିବାକୁ ମିଳିଛି ବୃହତ୍ ହ୍ରାସ। ଦିନକରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସରେ ୧୬୦୦ ପଏଣ୍ଟରୁ ଅଧିକ ହ୍ରାସ ଘଟିଛି। ପୁଣି ହୋଇଛି ଆଉ ଏକ ନୂଆ ନକରାତ୍ମକ ରେକର୍ଡ। ଝଡ଼ ବତାଶ ମାଡ଼ିଆସିବା ଭଳି ଆଜି ଘରୋଇ ପୁଞ୍ଜିବଜାର ହଠାତ୍ ଧରାଶାୟୀ ହୋଇଛି। କେତେକ ବୈଶ୍ୱିକ କାରକ ଯୋଗୁ ଘରୋଇ ପୁଞ୍ଜି ବଜାରରେ ଏଳଭି ହ୍ରାସ ଦେଖିବାକୁ ମିଳିଛି। ଦୀର୍ଘ ୧୮ ମାସ ପରେ ବଜାର କାରବାରରେ ଏଭଳି ବୃହତ୍ ହାସ ହ୍ରାସ ହୋଇଛି। ଏହାର ପ୍ରଭାବରେ ନିବେଶକମାନେ ହରାଇଛନ୍ତି ସାଢ଼େ ଚାରି ଲକ୍ଷ କୋଟିରୁ ଅଧିକ ସମ୍ପତ୍ତି। ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଶେୟାର ମୂଲ୍ୟରେ ୮ ପ୍ରତିଶତରୁ ଅଧିକ ହ୍ରାସ ଯୋଗୁ ଘରୋଇ ପୁଞ୍ଜି ବଜାରକୁ ଆଜି ଅଧିକ କ୍ଷତି ସହିବାକୁ ପଡିଛି।

ବୁଧବାର କାରବାରରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସରେ ୧୬୨୮(୧୬୨୮.୦୧) ପଏଣ୍ଟ ବା ୨.୨୩ ପ୍ରତିଶତ ହ୍ରାସ ବୃଦ୍ଧି ଘଟିଥିବାବେଳେ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟିରେ ୪୬୦ (୪୬୦.୩୫) ପଏଣ୍ଟ ବା ୨.୦୯ ପ୍ରତିଶତ ହ୍ରାସ ହୋଇଛି। ଫଳରେ ଉଭୟ ସୂଚକାଙ୍କରେ ଦିନକରେ ରେକର୍ଡ ପଏଣ୍ଟ ହ୍ରାସ ଘଟିଛି। ସପ୍ତାହର ତୃତୀୟ କାରବାର ଦିବସରେ ଅନ୍ତର୍ଜାତୀୟ ବିଦେଶୀ ମୁଦ୍ରା ବିନିୟମ ବଜାରରେ ଆମେରିକୀୟ ଡଲାର ତୁଳନାରେ ଘରୋଇ ମୁଦ୍ରା ଟଙ୍କା ମୂଲ୍ୟରେ ହ୍ରାସ ଘଟି ଏହା ୮୩ ଟଙ୍କା ୧୪ ପଇସା ସ୍ତରରେ ରହିଛି। ଏହାର ପ୍ରଭାବ ପୁଞ୍ଜି ବଜାରରେ ଅନୁଭୂତ ହୋଇଛି। ଏହାଛଡା ଆମେରିକା ସମେତ ୟୁରୋପୀୟ କେନ୍ଦ୍ରୀୟ ବ୍ୟାଙ୍କ ସୁଧ ହାରରେ ହ୍ରାସ ଘଟାଇବା ସମ୍ଭାବନା ସମ୍ପର୍କିତ ରିପୋର୍ଟ ଆସିବା ପରେ ବିଶ୍ୱ ଷ୍ଟକ୍ ବଜାରରେ ଦେଖିବାକୁ ମିଳିଛି ଏଭଳି ବୃହତ୍ ହ୍ରାସ। ବୁଧବାର କାରବାରରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସମେତ ମହିନ୍ଦ୍ରା କୋଟାକ୍, ଟାଟା ଷ୍ଟିଲ୍, ଏକ୍ସିସ୍ ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ବଜାଜ୍ ଫିନ୍‌ସର୍ଭ ଆଦିର ଶେୟାର ମୂଲ୍ୟରେ ବୃହତ୍ ହ୍ରାସ ଘଟିଛି। ବୁଧବାର ବଜାରରେ ହ୍ରାସର ସବୁଠାରୁ ବଡ କାରଣ ହେଉଛି ଏଚଡିଏଫସି ବ୍ୟାଙ୍କ ଶେୟାରରେ ବଡ ପତନ। ଡିସେମ୍ବର ତ୍ରୈମାସିକ ଫଳାଫଳ ପ୍ରକାଶ ପାଇବା ପରେ ବୁଧବାର ଏଚଡିଏଫସି ବ୍ୟାଙ୍କର ସେୟାର ୭% ଅଧିକ ହ୍ରାସ ହୋଇ ୧,୫୬୦ ଟଙ୍କା ରହିଥିଲା। ବ୍ୟାଙ୍କର ନିଟ୍ ଲାଭରେ ୩୪% ବୃଦ୍ଧି ସତ୍ତ୍ୱେ ବ୍ୟାଙ୍କ ଶେୟାର ମୂଲ୍ୟ ଖସିଛି। ସେନ୍‌ସେକ୍ସର ୧୬୦୦ ପଏଣ୍ଟ ହ୍ରାସରେ କେବଳ ଏଚଡିଏଫସି ବ୍ୟାଙ୍କର ପ୍ରାୟ ୯୫୦ ପଏଣ୍ଟ ଯୋଗଦାନ ରହିଛି। ପ୍ରାୟ ଦେଢ଼ବର୍ଷ ମଧ୍ୟରେ ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟି ପାଇଁ ବୁଧବାର ସବୁଠାରୁ ଖରାପ ଦିନ ବୋଲି ପ୍ରମାଣିତ ହୋଇଛି। ଏହାପୂର୍ବରୁ ଜୁନ୍ ୨୦୨୨ ରେ ଘରୋଇ ବଜାରରେ ଏଭଳି ହ୍ରାସ ଦେଖିବାକୁ ମିଳିଥିଲା।



**ଦୀର୍ଘ ୧୮ ମାସ ପରେ ବୃହତ୍ ହ୍ରାସ**

**ସେନ୍‌ସେକ୍ସ ୧୬୦୦ ପଏଣ୍ଟରୁ ଅଧିକ ଖସିଲା**

**ଏଚ୍‌ଡିଏଫ୍‌ସି ବ୍ୟାଙ୍କ ବୁଡାଇଲା ଘରୋଇ ବଜାର**

**ଦିନକରେ ନିବେଶକଙ୍କ ୪.୫୯ ଲକ୍ଷ କୋଟି ବୁଡିଲା**

## ଇପିଏଫଓର ବଡ଼ ନିଷ୍ପତ୍ତି

# ଆଧାର କାର୍ଡ ଜନ୍ମ ତାରିଖ ପାଇଁ ବୈଧ ପ୍ରମାଣ ନୁହେଁ

**ନୂଆଦିଲ୍ଲୀ,୧୭।୧(ଏଜେନ୍ସି) :** ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫଓ) ଜନ୍ମ ତାରିଖ କ୍ଷେତ୍ରରେ ଆଧାର କାର୍ଡକୁ ବୈଧ ପ୍ରମାଣ କାଗଜପତ୍ର ବା ଡକ୍ୟୁମେଣ୍ଟ ତାଲିକାରୁ ହଟାଇଦେଇଛି। ଇପିଏଫଓ ପକ୍ଷରୁ ନିଆଯାଇଥିବା ଏହି ବଡ଼ ନିଷ୍ପତ୍ତି ପରେ ଏଣିକି ଜନ୍ମ ତିଥି ଅପଡେଟ୍ ପ୍ରକ୍ରିୟାରେ ଆଧାର କାର୍ଡକୁ ସଂଗଠନ ଆଉ ବୈଧ ବୋଲି ବିଚାର କରିବନାହିଁ। ଏହାଫଳରେ ଜନ୍ମ ତାରିଖର ସଂଶୋଧନ କ୍ଷେତ୍ରରେ ଇପିଏଫ୍ ସଦସ୍ୟମାନେ ଆଉ ଆଧାର କାର୍ଡ ବ୍ୟବହାର କରିପାରିବେ ନାହିଁ।

ବିଭିନ୍ନ କାର୍ଯ୍ୟ ପାଇଁ ଆଧାର କାର୍ଡକୁ ଏକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଭାବେ ବିବେଚନା କରାଯାଏ। ଭାରତରେ ଏହା ମୁଖ୍ୟତଃ ଅନେକ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଥାଏ, କିନ୍ତୁ ଇପିଏଫଓ ଜନ୍ମ ତାରିଖ ଅପଡେଟ ପ୍ରକ୍ରିୟାରେ ଆଧାର କାର୍ଡକୁ ବୈଧ ବୋଲି ବିଚାର କରିବ ନାହିଁ ବୋଲଇ କହିଛି। ଇପିଏଫଓ ପକ୍ଷରୁ ଏହାର ସଦସ୍ୟମାନଙ୍କ ଲାଗି ଜାରି କରାଯାଇଥିବା ମାର୍ଗଦର୍ଶିକାରେ ଏହା କୁହାଯାଇଛି। ଅପରପକ୍ଷେ ଭାରତୀୟ ଏକକ ପରିଚୟ କର୍ତ୍ତୃପକ୍ଷ (ୟୁଆଇଡିଏଆଇ) ଏକ ଚିଠିରେ କହିଛି ଯେ ଜନ୍ମ ପ୍ରମାଣ ପାଇଁ ଆଧାର କାର୍ଡ ଗ୍ରହଣ କରାଯାଇପାରିବନାହିଁ। ଯଦି ଜନ୍ମ ପ୍ରମାଣପତ୍ର ପାଇଁ ଆଧାର ବ୍ୟବହାର କରାଯାଉଥାଏ ତେବେ ତାହାକୁ ତାଲିକାରୁ ହଟାଇଦେବା ଉଚିତ୍ ବୋଲି ପକ୍ଷରୁ କୁହାଯାଇଛି।

# ମହିନ୍ଦ୍ରା ଅଲ୍-ଇଲେକ୍‌ଟ୍ରିକ୍ ଏକ୍ସୟୁଭି୪୦୦ ପ୍ରୋ ବଜାରରେ

**ଭୁବନେଶ୍ୱର,୧୭।୧(ସମିସ):** ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ୍ ପକ୍ଷରୁ ଅଲ୍-ଇଲେକ୍‌ଟ୍ରିକ୍ ଏକ୍ସୟୁଭି୪୦୦ ପ୍ରୋ ରେଞ୍ଜର ବଜାର ପ୍ରବେଶ କରାଯାଇଛି। ଏହି ଗାଡ଼ି ପ୍ରାରମ୍ଭିକ ମୂଲ୍ୟ ୧୫.୪୯ ଲକ୍ଷ ଟଙ୍କା। ସର୍ବଶେଷ ପ୍ରୋ ରେଞ୍ଜରେ ୩ ନୂଆ ଭାରିଆଣ୍ଟ ଇସି ପ୍ରୋ(୩୪.୫ କେଭିଏଚ୍ ବ୍ୟାଟେରି ୩.୩ କେଡବ୍ଲ୍ୟୁ ଏସି ଚାର୍ଜର), ଇଏଲ୍ ପ୍ରୋ(୩୪.୫ କେଭିଏଚ୍ ବ୍ୟାଟେରି ୭.୨ କେଡବ୍ଲ୍ୟୁ ଏସି ଚାର୍ଜର), ଇଏଲ୍ ପ୍ରୋ(୩୪.୫ କେଭିଏଚ୍ ବ୍ୟାଟେରି ୭.୨ କେଡବ୍ଲ୍ୟୁ ଏସି ଚାର୍ଜର) ସହ ବଜାରକୁ ଆସିଛି। ମହିନ୍ଦ୍ରା ଅଲ୍-ଇଲେକ୍‌ଟ୍ରିକ୍ ଏକ୍ସୟୁଭି୪୦୦ ପ୍ରୋରେ ଆଡ୍ରେନକ୍ସ କନେକ୍ଟ କାର ସିଷ୍ଟମ ଭଳି ଅତ୍ୟାଧୁନିକ ଟେକ୍ନୋଲୋଜି ଉପଯୋଗ କରାଯାଇଛି। ଏହାର ବୁକିଂ ଚଳିତମାସ ୧୨ରୁ ଆରମ୍ଭ ହୋଇଛି। ଏହାକୁ ୨୧ ହଜାର ଯଙ୍କାରେ ବୁକିଂ କରାଯାଇପାରିବ। ଏହାର ଡେଲିଭରୀ ଫେବ୍ରୁଆରୀ ପହିଲାରୁ ଆରମ୍ଭ ହେବ।



# ତନିସ୍କରେ ଫେଷ୍ଟିଭାଲ ଅଫ୍ ଡାଏମଣ୍ଡ




**ଭୁବନେଶ୍ୱର,୧୭।୧(ସମିସ):** ଗହଣା ରିଟେଲ ବ୍ରାଣ୍ଡ ତନିସ୍କ ଆଣିଛି 'ଫେଷ୍ଟିଭାଲ ଅଫ୍ ଡାଏମଣ୍ଡ'। ଜୀବନର ଛୋଟ ଛୋଟ ଅବସରକୁ ପାଳନ କରିବା ପାଇଁ ଏହା ଗ୍ରାହକଙ୍କୁ ଆମନ୍ତ୍ରଣ କରୁଛି। ହୀରାର ଯାଦୁ ଏବଂ କାଳଜୟୀ ଆକର୍ଷଣ ସହିତ ପ୍ରସ୍ତୁତ ଗହଣାର ଅନୁଭବ ନେବା ପାଇଁ ତନିସ୍କ ଏହି ଉତ୍ସବରେ ସାମିଲ ହେବା ପାଇଁ ଗ୍ରାହକଙ୍କୁ ସ୍ୱାଗତ କରୁଛି। ପ୍ରତିଦିନର ଛୋଟ ଛୋଟ ଖୁସିକୁ ତନିସ୍କର କାଳଜୟୀ ହୀରା ସହିତ ପାଳନ କରିବା ପାଇଁ ଏହି ଉତ୍ସବ ଉଦ୍ଦିଷ୍ଟ। ଗହଣାଗୁଡ଼ିକ ୧୫,୦୦୦ ଟଙ୍କାରୁ ଆରମ୍ଭ। ଗ୍ରାହକ ଯେକୌଣସି ଗହଣା ଦୋକାନରୁ କିଣିଥିବା ସେମାନଙ୍କ ପୁରୁଣା ସୁନାକୁ ବଦଳାଇ ତନିସ୍କର ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ହୀରା ଗହଣା କିଣିପାରିବେ। ଜୀବନ ଯାତ୍ରାରେ ବିବାହ ଏକ ଅବିସ୍ମରଣୀୟ ଅଧ୍ୟାୟ, ଯାହା ପ୍ରେମ, ପ୍ରତିଶ୍ରୁତି ଏବଂ ଆଗକୁ ଏକ ସୁନ୍ଦର ଯାତ୍ରାର ପ୍ରତିବଦ୍ଧତାକୁ ବାନ୍ଧିରଖେ। ହୀରାର ଆକର୍ଷଣ ଏବଂ ପ୍ରମାଣିକତା ପାଇଁ ତନିସ୍କର ପ୍ରତିବଦ୍ଧତା ପ୍ରତ୍ୟେକ ମହିଳାଙ୍କ ଜୀବନରେ ଆସିଥିବା ଚିରାଚରିତ ଶୋଭାର ପ୍ରମାଣ। ମହିଳାଙ୍କ ସ୍ୱତନ୍ତ୍ର ଦିନରେ ଉଜ୍ଜ୍ୱଳତା, ସ୍ୱଚ୍ଛତା ଏବଂ ସ୍ଥିରତାର ପ୍ରତିଫଳନ ହେଉଛି ତନିସ୍କର ସ୍ୱତନ୍ତ୍ର କାରୁକାର୍ଯ୍ୟପୂର୍ଣ୍ଣ ହୀରା। ଫେଷ୍ଟିଭାଲ ଅଫ୍ ଡାଏମଣ୍ଡରେ ଯୋଗ ଦେଇ ଆକର୍ଷଣୀୟ ହୀରା କାନଫୁଲ, ବ୍ରେସ୍‌ଲେଟ, ନେକ୍‌ର, ହାତ ମୁଦି ଏବଂ ପସନ୍ଦ ମୁତାବକ ଆହୁରି ଅନେକ ପ୍ରକାର ଗହଣା ପାଇପାରିବେ ଗ୍ରାହକ। ନିଜ ଖୁସି, ଜନ୍ମଦିନ, ଛୋଟ ଛୋଟ ସଫଳତା ଏବଂ ଅନ୍ୟାନ୍ୟ ସ୍ୱତନ୍ତ୍ର ଅବସର ପାଇଁ ବ୍ୟାପକ ରେଞ୍ଜ୍ ଗହଣା ସମ୍ଭାରରୁ ଗ୍ରାହକ ନିଜ ମନ ମୁତାବକ ପ୍ରଡ଼କ୍ଟ ବାଛିପାରିବେ।

















ଶ୍ରୀଜଗନ୍ନାଥଙ୍କୁ କେବଳ ପୁରୀର ନୁହେଁ ଜଗତର ନାଥ ବୋଲି ଯେଉଁ ଭାଗ୍ୟବାନ ସପ୍ନରେ ବି ତାଙ୍କୁ ଦେଖି ମାନେ ସେ ହିଁ ଜଗତଜିତା। ଗଣପତି ଭଟ୍ଟ ଗଣେଶ ରୂପରେ, ସନ୍ଥ ତୁଳସୀ ଦାସ ଶ୍ରୀରାମ ରୂପରେ ତାଙ୍କୁ ଦର୍ଶନ ପାଇଥିଲା ବେଳେ କେବଳ ସନ୍ଥମାନେ ହିଁ ତାଙ୍କୁ ଏକ ଦେବୋ ସର୍ବଭୂତେଷୁର ଭେଦ ବୁଝି ନର ନାରାୟଣ ସେମାନଙ୍କ ପାଇଁ ଉପାସ୍ୟ ଦେବତା ଦିଅଁ ନୁହେଁ। ସେମାନେ **ନନାମାନବସାଦୟତେ** ଆପ୍ତବାଣୀ ମତେ ଅଯଥା କଥା ଅଯଥା କାମରେ ସମୟ-ଶ୍ରମ-ଅର୍ଥର ଦୁରୁପଯୋଗ ନ କରି ବଞ୍ଚିବାର ବ୍ୟାକରଣ ବୁଝି ନୈତିକ ସଂଶୋଧନ ପାଇଁ ଅନୀତିରେ ଅଙ୍କୁଶ ଲଗାଇ ନିମ୍ନମତେ ସମାଜ ସଂସ୍କାରକ।

୧) ସେମାନେ **ଧ୍ରୀୟତେ ଅନେନ ଇତି ଧର୍ମଃ**ର ଅନ୍ତରାର୍ଥ ମର୍ମ ବୁଝି **ସର୍ବଧର୍ମମ୍ ପରିତ୍ୟଜ୍ୟ** ବାଣୀକୁ ନମାନି ଧର୍ମର ତିନିଗୁଣ ସ୍ୱାଭାବିକ-କର୍ତ୍ତବ୍ୟ-ସଂପ୍ରଦାୟ ଗୁଣକୁ ଚଳନଶୀଳ ଦେହ ଦେବାଳୟର ସୁରକ୍ଷା ପାଇଁ ଏବଂ ଆଧାତ୍ମିକତା ଆତ୍ମାର ଅଧ୍ୟୟନ ପାଇଁ ଯାହାକି ଧର୍ମ ନୁହେଁ ବୋଲି ଠିକ୍ ବୁଝି ଯଥାର୍ଥରେ ଧର୍ମବନ୍ତ ଧର୍ମ ସୌଦାଗର ନୁହଁନ୍ତି।

୨) ସେହି ସଦାତ୍ମା ମାନେ ରାଜନୈତିକ ପୃଷ୍ଠପୋଷକତାରେ ସମାଜ ବଞ୍ଚିଛି ଠିକ୍ ଭାବେ ହୃଦୟଙ୍ଗମ କରନ୍ତି ସମାଲୋଚନା ନ କରି। ସେମାନେ ଋଣକ୍ୟଙ୍କ ପରି ତଳୁ ଉପରକୁ ଉଠି କଥାରେ ନୁହେଁ କାମରେ କରି ଦେଖାଇ ଜାତି ପାଇଁ ଅବଦାନ ଦେଇ କ୍ଷମତା ପାଇବି **"ରାଜନୀତି ଅର୍ଥ ଶ୍ରେଷ୍ଠ ନୀତି"** ଏବଂ ନିଜ କ୍ଷମତାର ଶାସନ ଡୋରୀ ସମ୍ରାଟ ଚନ୍ଦ୍ରଗୁପ୍ତଙ୍କୁ ଦେବା ପରି ସେମାନେ **"ରାଜ୍‌ନୀତି ଅର୍ଥ ଶାସନନୀତି"** ଭିତରେ ଅନ୍ତର ବୁଝାଇ ଦେଇ ସମାଜ ପାଇଁ ସ୍ମରଣୀୟ ନାମ।

୩) ପୁଣି ସେହି ମହାପୁରୁଷ ମାନେ ସାହିତ୍ୟର ଅର୍ଥ ସମାଜର ହିତ ବୁଝି ଏବଂ ସମାଜ ପାଇଁ ସ୍ୱସ୍ତିବାଚକ ବୁଝାନ୍ତି। ସେମାନେ କାଗଜ ଘଷ କରି ସାହିତ୍ୟ ସଭା ନାମରେ ପ୍ରହସନର ପାଂଶୁଳ ପର୍ବକୁ ବ୍ୟକ୍ତିଗତ ସାହିତ୍ୟଶାଳା ଭାବି ନାପସନ୍ଦ କରନ୍ତି ବରଂ ସନ୍ଥ କବି ଗଣଙ୍କ ପଂକ୍ତିର ଯୋଗ୍ୟତା ଥାଇ ଆବୃତ୍ତି କରି ପାପୀ କୁ ନୁହେଁ ପାପକାର୍ଯ୍ୟକୁ ରୋକ୍ ଠୋକ୍ ବିରୋଧ କରନ୍ତି ନିମ୍ନ କବିତା ମତେ।

ସାରସ୍ୱତ ସାଧକତ ସରସ୍ୱତୀ ସୁତ, ବାକ୍ ବ୍ରହ୍ମ ତାର ସଞ୍ଜିବନୀ ବୁଟୀ
ଶବ୍ଦଶିଳାରେ ତା ସାହିତ୍ୟ କୋଣାର୍କ ଜାତି ଜୈତ୍ର ଗାନ ପାଇଁ ମୂକସାକ୍ଷୀ।
ସାଧୁ ସମତାର କଲମ କାଠିରେ ସମାଜର ହିତ ଦିଗ୍ ଦର୍ଶନ ଥାଇ
ପରିବର୍ତ୍ତନର ଭାଷ୍ୟକାର ସାଜି ଇଷ୍ଟକୁ ଭୁଲି ସେ ନଷ୍ଟ ନ ହୋଇ।
ଆଗ୍ନିକ ତା ମସୀ ଅସୀ ଠାରୁ ତୀକ୍ଷ୍ଣ ବଦଳାଇ ଦିଏ ଇତିହାସ ମୋଡ
ତା ରଚିତ ଗ୍ରନ୍ଥ ମନ ଗ୍ରନ୍ଥୀ ଗୁନ୍ଥୀ ଗାନ୍ଥୀ ଦେଇଯାଏ ଆନପାଇଁ ନୀଡ଼।

୧୯୮୦ ମସିହା ଠାରୁ ଓଡ଼ିଶାରେ ମାନବଧର୍ମର ପ୍ରବର୍ତ୍ତକ,
ବାରିପଦା, ଚଳଭାଷ-୯୪୩୯୪୮୦୦୦୦



# କଟକ ସିଟି

## ଶ୍ରୀମନ୍ଦିର ପରିକ୍ରମା ଲୋକାର୍ପିତ

# ଆଧ୍ୟାତ୍ମିକ ପରିବେଶରେ କଟକ ମୁଖରିତ

















**କଟକ,୧୭।୧(ସମିସ)**

ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବୁଧବାର ଲୋକାର୍ପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କଟକ ସହରର ସମସ୍ତ ଜଗନ୍ନାଥ ପୀଠ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ପ୍ରତ୍ୟେକ ଜଗନ୍ନାଥ ପୀଠକୁ ସୁସଜ୍ଜିତ କରାଯିବା ସହ ମନ୍ଦିରରେ ପୂଜାର୍ଚ୍ଚନା, ସଂକୀର୍ତ୍ତନ, ହୋମଯଜ୍ଞ ଓ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। କଟକ ସହର ଆଧ୍ୟାତ୍ମିକ ପରିବେଶରେ ମୁଖରିତ ହୋଇ ପଡ଼ିଥିଲା।

ମହାନଗର ନିଗମ ତରଫରୁ କଟକ ସହରର ୧୫ଟି ସ୍ଥାନରେ ଯଥା ସିଡିଏ -୬ ସ୍ଥିତ ଜଗନ୍ନାଥ ମନ୍ଦିର, ଗଡଗଡିଆ ମନ୍ଦିର, ଚାନ୍ଦିନୀଚୌକ ସ୍ଥିତ ଜଗନ୍ନାଥ ମନ୍ଦିର, ଖାନନଗର ସ୍ଥିତ ଅମ୍ବିକା ମନ୍ଦିର, ଦୋଳମୁଣ୍ଡାଇ ସ୍ଥିତ ଜଗନ୍ନାଥ ମନ୍ଦିର, ଧାକୁଲାଇ ପୀଠ, ନୂଆପଡା ସ୍ଥିତ ଜଗନ୍ନାଥ ମନ୍ଦିର, ଗଡଗଡିଆ ମନ୍ଦିର, ରାଣୀହାଟ ସ୍ଥିତ ଜଗନ୍ନାଥ ମନ୍ଦିର, ଜଗତପୁର ତରୋଳ ସ୍ଥିତ ଜଗନ୍ନାଥ ମନ୍ଦିର, ବାଲିକୁଦା ଜଗନ୍ନାଥ ମନ୍ଦିର, ହାଇକୋର୍ଟ ନିକଟସ୍ଥ କାଳୀ ମନ୍ଦିର, ବକ୍ସି ବଜାର ସ୍ଥିତ ଅମରେଶ୍ୱର ମନ୍ଦିର, ମହାନଦୀ ବିହାରସ୍ଥିତ ଜଗନ୍ନାଥ ମନ୍ଦିର ମାନଙ୍କରେ କଟକ ବାସୀମାନଙ୍କ ନିମନ୍ତେ ଶ୍ରୀ ଜଗନ୍ନାଥ ମନ୍ଦିର ପରିକ୍ରମା ପଥ ପ୍ରକଳ୍ପର ଉଦଘାଟନୀ ଉତ୍ସବ ଦେଖିବା ନିମନ୍ତେ ସିଧାପ୍ରସାରଣର ବ୍ୟବସ୍ଥା କରାଯାଇଥିଲା।

ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିରରେ ଯଥାବିଧି ପୂଜାର୍ଚ୍ଚନା ସହ ବିଭିନ୍ନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ମାହାଙ୍ଗାସ୍ଥିତ ସାଇ ଦୃଷ୍ଟିହୀନ କଳାକାର ପରିଷଦ ପକ୍ଷରୁ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ମନ୍ଦିର ପରିଚାଳନା ସମିତିର କାର୍ଯ୍ୟକାରୀ ସଭାପତି ଭିକାରୀ ଦାସ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ମନ୍ଦିରର ମୁଖଶାଳାକୁ ସମ୍ପୂର୍ଣ୍ଣ ଭାବେ ଫୁଲରେ ସଜାଯାଇଥିଲା। ଏଥିସହ ଶତାଧିକ ଭକ୍ତମାନଙ୍କ ନିମନ୍ତେ ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମରେ କଟକ ମହାନଗର ନିଗମ ମେୟର ସୁବାସ ସିଂହ, କର୍ପୋରେଟର ଆରତୀ ସାହୁ, ସତ୍ୟରଞ୍ଜନ ତ୍ରିପାଠୀ, ଦୀପାଞ୍ଜଳି ସିଂହ ଓ ମୋନାଲିସା ଦାସ ପ୍ରମୁଖ ଯୋଗଦେଇଥିଲେ। ମନ୍ଦିର ପରିଚାଳନା ସମିତିର ସଦସ୍ୟ ଦିଲ୍ଲୀପ ପ୍ରଧାନ, ପ୍ରତାପ କିଶୋର ସିଂହ, ବିଶ୍ୱନାଥ ଦାସ, ବିଜୟ ବେହେରା, କେ. ଭାସ୍କର ରାଓ, ଅଜୟ ଦାସ, ରାହାସବିହାରୀ ସିଂହ, ରମେଶ ବେହେରା, ସୁଦାମ ପରିଡା, ବିଶ୍ୱନାଥ ମହାରଣା, ସୌଭାଗ୍ୟ ଦତ୍ତ, ବିଜୟ ଦଳେଇ ପ୍ରମୁଖ ସହଯୋଗ କରିଥିଲେ। ସହରର ଅନ୍ୟ ଜଗନ୍ନାଥ ମନ୍ଦିର ଗୁଡିକରେ ମଧ୍ୟ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟିଭି ଇନଷ୍ଟିଚ୍ୟୁଟର ରୌପ୍ୟ ଜୟନ୍ତୀ



**କଟକ,୧୭ ।୧(ସମିସ):** ଯୋବ୍ରା ସ୍ଥିତ ବିଜୁ ପଟ୍ଟନାୟକ ଫିଲ୍ମ ଏଣ୍ଡ ଟିଭି ଇନଷ୍ଟିଚ୍ୟୁଟର ରୌପ୍ୟ ଜୟନ୍ତୀ ଉତ୍ସବ ଉଦଘାଟିତ ହୋଇଯାଇଛି। ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ଅପୂର୍ବ କିଶୋର ବୀର ଏହି ଉତ୍ସବକୁ ଉଦଘାଟନ କରିଥିଲେ। ଅତିଥି ଭାବେ ଅନୁଷ୍ଠାନର ଅଧ୍ୟକ୍ଷ ସଞ୍ଜୟ ପଟ୍ଟନାୟକ, ଶିକ୍ଷା ଓ ବୈଷୟିକ ବିଭାଗର ନିର୍ଦ୍ଦେଶକ ରେଘୁ ଜି ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଦେବାଶିଷ ଘୋଷାଲ ସ୍ୱାଗତ ଭାଷଣ ଦେଇ ପ୍ରତିଷ୍ଠାନର ୨୫ବର୍ଷର ଯାତ୍ରା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଜୁ ପଟ୍ଟନାୟକଙ୍କ ଉପରେ ଏକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ପ୍ରତିଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତି ଅନୁଷ୍ଠାନର ୨୫ ବର୍ଷ ଗୌରବମୟ ଗାଥାକୁ ନେଇ ଏକ ପ୍ରାମାଣିକ ଚଳଚ୍ଚିତ୍ର ମଧ୍ୟ ପ୍ରଦର୍ଶନ କରାଯାଇଥିଲା। ସ୍ୱର୍ଗତ ନିରୋଦ ନାରାୟଣ ମହାପାତ୍ରଙ୍କ ନାମରେ ନାମିତ ଏକ ପ୍ରେକ୍ଷାଳୟକୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ସବିତା ମହାନ୍ତି ଉଦଘାଟନ କରିଥିଲେ। ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ୩ ଦିନ ବ୍ୟାପୀ ଏହି ଉତ୍ସବ ପାଳନ କରାଯିବ।

## ସାରଦା ଯୁବକ ସଂଘର କମ୍ବଳ ବଣ୍ଟନ



**କଟକ,୧୭ ।୧(ସମିସ):** ପଚଣ୍ଡ ଶୀତର ପ୍ରକୋପକୁ ଦୃଷ୍ଟିରେ ରଖି ସାରଦା ଯୁବକ ସଂଘ ପକ୍ଷରୁ ଶିଖରପୁର ସ୍ଥିତ କୋର ପୋଖରୀ ଠାରେ ଅସହାୟ ବ୍ୟକ୍ତି, ମହିଳା ଓ ଦିବ୍ୟାଙ୍ଗମାନଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୁବ ସମାଜସେବୀ ଙ୍ଗ ପ୍ରଦୀପ ବେହେରା ଅତିଥିଭାବେ ଯୋଗଦେଇଥିଲେ। ଶ୍ରୀ ବେହେରାଙ୍କୁ ସ୍ଥାନୀୟ ମୁରବି ବେଣୁଧର ଗୋଚ୍ଛାୟତ, ଅଲେଖ ବେହେରା, ନଳୀନ ରଞ୍ଜନ ସାମନ୍ତରାୟ ପ୍ରମୁଖ ସ୍ୱାଗତ କରିଥିଲେ। କ୍ଲବର ସଭାପତି ବିଭୁତି ସ୍ୱାଇଁ, ଉପସଭାପତି ପ୍ରଦୀପ ସ୍ୱାଇଁ, ସମ୍ପାଦକ ହରିପ୍ରସାଦ ସାହୁ, ସାଂଗଠନିକ ସମ୍ପାଦକ ଅକ୍ଷୟ ଗୋଚ୍ଛାୟତ ପ୍ରମୁଖ ସହଯୋଗ କରିଥିଲେ।

## ଶୈଳବାଳାରେ ଜିଲ୍ଲାସ୍ତରୀୟ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର

**କଟକ,୧୭।୧(ସମିସ)**

ଶୈଳବାଳା ମହିଳା ମହାବିଦ୍ୟାଳୟ ପରିସରରେ ଯୁବ ରେଡ଼କ୍ରସ ତରଫରୁ ତିନିଦିନବ୍ୟାପି ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ପ୍ରଥମ ଦିବସରେ ରେଡକ୍ରସ ସୋସାଇଟି, ଓଡ଼ିଶା ଶାଖାର ଯୁବ ରେଡ଼କ୍ରସ ଅଫିସର ଡ. ରମେଶ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। କଟକ ଜିଲ୍ଲା ରେଡ଼କ୍ରସର ସଂଯୋଜକ ଡ. ଅକ୍ଷୟ କୁମାର ମହାନ୍ତି, ଜିଲ୍ଲା ରେଡ଼କ୍ରସର ଆବାହକ ଡଃ ସସ୍ମିତା ପଟ୍ଟନାୟକ ଏଚ୍ଆଇଭି ଏଡ୍ସ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଶିବିରର ଅନ୍ତିମ ଦିନରେ ମେଜର କଳ୍ପନା ଦାସ, ଚେୟାରମ୍ୟାନ, ଶିଶୁ ଏବଂ ମହିଳା ବିକାଶ ସମାଜ, ଭୁବନେଶ୍ୱର ଏବଂ ଓଡ଼ିଶା ଯୁବରେଡ଼କ୍ରସର ସଂଯୋଜକ ଡଃ ଗୋପାଳକୃଷ୍ଣ ମିଶ୍ର ଯୋଗଦେଇଥିଲେ। ଏହି



ମହାବିଦ୍ୟାଳୟର ଯୁବ ରେଡକ୍ରସ ଶାଖା ଆନୁକୂଲ୍ୟରେ ତଥା ଯୁବ ରେଡ଼କ୍ରସ, ଓଡ଼ିଶା ଶାଖା ସହାୟତାରେ ଆୟୋଜିତ ଏହି ଶିବିର ଜାନୁଆରୀ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଅଧ୍ୟକ୍ଷା ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଶିବିରର ଯୋଗଦେଇ ୩୦ଟି କଲେଜରୁ ଆସିଥିବା ରେଡ଼କ୍ରସ ଅଫିସର ଏବଂ ଶତାଧିକ ରେଡ଼କ୍ରସ ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ ଶିବିରର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ତିନିଦିନ ବ୍ୟାପି ବିଭିନ୍ନ ବିଷୟରେ ଯଥା ଫାଷ୍ଟଏଡ୍, ରକ୍ତଦାନର ମହତ୍ତ୍ୱ, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଯୁବ ରେଡକ୍ରସ ଅଧିକାରୀ ଡ. ଗାୟତ୍ରୀ କର ପରିଚାଳନା କରିଥିଲେ। ସଦସ୍ୟା ଡ. ମେନକାରାଣୀ ସାହୁ ରେଡକ୍ରସର ବିଭିନ୍ନ କାର୍ଯ୍ୟକ୍ରମର ରିପୋର୍ଟ ଉପସ୍ଥାପନା କରିଥିଲେ ଏବଂ ଡଃ ପ୍ରତିଭାରାଣୀ ସାହୁ ଧନ୍ୟବାଦ ଦେଇଥିଲେ।

## ଆରପିଏଫ ଏଏସଆଇ ସ୍ମୃତିରଞ୍ଜନ ସମ୍ମାନିତ



**କଟକ,୧୭।୧(ସମିସ):** କଟକ ଆରପିଏଫ (ରେଳବାଇ ସୁରକ୍ଷା ବଳ)ର ଏଏସଆଇ ସ୍ମୃତିରଞ୍ଜନ ସାହୁଙ୍କୁ ବିଶିଷ୍ଟ ରେଳସେବା ପୁରସ୍କାରରେ ସମ୍ମାନିତ କରାଯାଇଛି। ବୁଧବାର ଭୁବନେଶ୍ୱର ସ୍ଥିତ ରେଳବାଇ ଅଡିଟୋରିୟମରେ ପୂର୍ବତଟ ରେଳପଥ ଦ୍ୱାରା ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀ ସାହୁଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ରେଳବାଇର ଚୋରି ସମ୍ପତି ଉଦ୍ଧାର, ଅପରାଧୀ ଗିରଫଦାରୀ, ନିଶାଦ୍ରବ୍ୟ ଜବତ, ଦୁର୍ଘଟଣା ମୁହଁରୁ ଜୀବନ ରକ୍ଷା କରିବାରେ ତାଙ୍କର କାର୍ଯ୍ୟ ବେଶ ପ୍ରଶଂସନୀୟ। ତଦନ୍ତକାରୀ ଅଧିକାରୀ ଭାବେ ଏଏସଆଇ ଶ୍ରୀ ସାହୁ ୧୨ଟି ରେଳବାଇ ସମ୍ପର୍କିତ ଅପରାଧୀକ ମାମଲାରେ ୧୫ ଜଣଙ୍କୁ ଗିରଫ କରିଛନ୍ତି। ଏହାସହ ରେଳବାଇ ସମ୍ପତ୍ତି ଚୋରି ନେଇ ୧୬ଟି ମାମଲାରେ ୨୮ ଜଣ ପେସାଦାର ଅପରାଧୀଙ୍କୁ ଗିରଫ କରାଯାଇଛି। ଏଥିରେ ପ୍ରାୟ ୭୯ ହଜାର ୮୬୦ ଟଙ୍କାର ରେଳବାଇର ଚୋରି ସମ୍ପତ୍ତି ଜବତ ହୋଇଛି। ସେହିପରି ଆରପିଏଫର ଅପରେସନ 'ଉପଲବ୍ଧ' ମାଧ୍ୟମରେ ଶ୍ରୀ ସାହୁ ୬ଟି ମାମଲାରେ ୬ ଜଣ ଟିକଟ କଳାବଜାରୀଙ୍କୁ ଗିରଫ କରିଛନ୍ତି। ଏହାବାଦ ୨ ଲକ୍ଷ ୮୭ ହଜାର ୮ଶହ ଟଙ୍କାର ଗଞ୍ଜେଇ ମଧ୍ୟ ଜବତ କରିଛନ୍ତି। ଅପରେସନ 'ଅମାନତ' ମାଧ୍ୟମରେ ୫ ଲକ୍ଷ ୧୩ ହଜାର ଟଙ୍କାର ରେଳଯାତ୍ରୀଙ୍କ ଚୋରି ଏବଂ ହଜିଯାଇଥିବା ସମ୍ପତ୍ତି ଉଦ୍ଧାର କରିଛନ୍ତି । ଅପରେସନ 'ମାତୃଶକ୍ତି' ଏବଂ 'ଜୀବନରକ୍ଷା' ମାଧ୍ୟମରେ ୨ଜଣଙ୍କୁ ଉଦ୍ଧାର କରିଛନ୍ତି। ସେହିପରି ଏଏସଆଇ ଶ୍ରୀ ସାହୁ ଅପରେସନ 'ରେଳ ପ୍ରହରୀ'ରେ ବହୁତ ଅସହାୟ, ଦିବ୍ୟାଙ୍ଗ ଓ ଅସୁସ୍ଥ ରେଳଯାତ୍ରୀଙ୍କୁ ସାହାଯ୍ୟ ଓ ସହଯୋଗ କରିଥିବା ନେଇ ଆରପିଏଫ ପକ୍ଷରୁ ସୂଚନା ଦିଆଯାଇଛି।

## ଭୁବନାନନ୍ଦ ଓଡ଼ିଶା ଯାନ୍ତ୍ରିକ ବିଦ୍ୟାଳୟର ଶତବାର୍ଷିକୀ ସମାରୋହ

**କଟକ,୧୭ ।୧(ସମିସ)**

ଭୁବନାନନ୍ଦ ଓଡିଶା ଯାନ୍ତ୍ରିକ ବିଦ୍ୟାଳୟ(ବୋଷ)ର ଶତବାର୍ଷିକୀ ସମାରୋହ ଉଦଘାଟିତ ହୋଇଯାଇଛି। ଏକାମ୍ର କ୍ଷେତ୍ର ଯୋଜନାର ଅଧ୍ୟକ୍ଷ ସନ୍ତୃପ୍ତ ମିଶ୍ର ଯୋଗଦେଇ ଉନ୍ନତମାନର ଜ୍ଞାନକୌଶଳକୁ ବ୍ୟବହାର କରି ଛାତ୍ରଛାତ୍ରୀମାନଙ୍କର କିଭଳି ଦକ୍ଷତା ବିକାଶ କରାଯାଇପାରିବ ସେଥିନେଇ ଆଲୋକପାତ କରିଥିଲେ। ବିଗତ ଶହେ ବର୍ଷର ଅନୁଭୂତିକୁ ନେଇ ପରବର୍ତ୍ତୀ ଶହେ ବର୍ଷ ପାଇଁ ବିକାଶର ନକ୍ସା ତିଆରି କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ ନାୟକ ଯୋଗଦେଇ ଅତୀତରେ ବୋଷ ଅନୁଷ୍ଠାନ ରେଭେନ୍ସାର ଏକ ଅଙ୍ଗ ଥିଲା ବୋଲି ସେ ମତ ଦେଇଥିଲେ।



ପିଇଆଇଏଲର ବିଜିନେସ ମୁଖ୍ୟ ରଶ୍ମୀରଞ୍ଜନ ମହାପାତ୍ର ଯୋଗଦେଇ ଶିଳ୍ପ କ୍ଷେତ୍ରରେ ବର୍ତ୍ତମାନ ବୈଷୟିକ ଜ୍ଞାନ କୌଶଳର ଆବଶ୍ୟକତା ଉପରେ ମତ ଦେଇଥିଲେ। ଟିଲୋନ ଏଡିଏ ଇଣ୍ଟରନ୍ୟାସନାଲର ପ୍ରତିଷ୍ଠାତା ତଥା ସଭାପତି ବିନୋଦ ମୁଲାସେରିନ ଯୋଗଦେଇ ବୈଷୟିକ ଜ୍ଞାନ କୌଶଳ ତାଲିମ ଉପରେ ମତ ରଖିଥିଲେ । ଇଭିଓଏସର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. କଳିଙ୍ଗ କେଶରୀ ରଥ ମାନସିକ ଶାନ୍ତି ଓ ନୈତିକତା ଏବଂ ଦାୟିତ୍ୱ ବିଷୟରେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ବୈଷୟିକ ଶିକ୍ଷା ଏବଂ ତାଲିମ ବିଭାଗର ନିର୍ଦ୍ଦେଶକ ରେଘୁ ଜି,ଓଏସଡିଏର ଚେୟାରମ୍ୟାନ ଅଳକା ମିଶ୍ର, ମିଟ୍ସୁଟଓର ପରିଚାଳନା ନିର୍ଦ୍ଦେଶକ ହରିସ ବାଜାଜ, ମେସିନ ମେକର ମ୍ୟାନେଜିଂ ଏଡିଟର ହରିଶଙ୍କର ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଡ. ହୃଷିକେଶ ମହାନ୍ତି ଏହି ସମାରୋହରେ ଅଧ୍ୟକ୍ଷତା କରି ୧୦୦ବର୍ଷର ଯାତ୍ରା ଏବଂ ବିକାଶ ବିଷୟରେ ଆଲୋକପାତ କରିଥିଲେ।ଏହି ଅବସରରେ ମ୍ୟାନୁଫ୍ୟାକ୍ଚରିଂଏବଂ ଏଣ୍ଟ୍ରେପ୍ରେନ୍ୟୁସିପ ଉପରେ ଆଲୋଚନାଚକ୍ର ଏବଂ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ନୂତନ ମାଟେରିଆଲ ଟେଷ୍ଟିଂ ଲାବୋରୋଟାରୀ ଉଦଘାଟିତ ହୋଇଥିଲା।

